GEOD-2
Block-4

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**Odisha State Open University**

**Sambalpur**

# ସ୍ନାତକ କାର୍ଯ୍ୟକ୍ରମ

## ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ

## Generic Electives (GE) - Course - Odia

## ସାହିତ୍ୟ ଅଧ୍ୟୟନ

## ରମ୍ୟ ରଚନା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକ ସମ୍ମାନ କାର୍ଯ୍ୟକ୍ରମ

## ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ - ଓଡ଼ିଆ

ଜିଇଓଡ଼ି - ୨
ସାହିତ୍ୟ ଅଧ୍ୟୟନ

ବ୍ଲକ୍

# ୪ ରମ୍ୟ ରଚନା

ପ୍ରଥମ ଏକକ
ଓଡ଼ିଆ ରମ୍ୟରଚନା

ଦ୍ୱିତୀୟ ଏକକ
ବାଈ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା) - ଗୋପାଳ ଚନ୍ଦ୍ର ପ୍ରହରାଜ

ତୃତୀୟ ଏକକ
ବଟୁଆ - ଗୋବିନ୍ଦଚନ୍ଦ୍ର ତ୍ରିପାଠୀ

ଚତୁର୍ଥ ଏକକ
ସାଧୁସଙ୍ଗ - ଚୌଧୁରୀ ହେମକାନ୍ତ ମିଶ୍ର

# ଆନ୍ତଃ ସମଷ୍ଟିମୂଳକ ଇଚ୍ଛାଧୀନ ପାଠ - ଓଡ଼ିଆ

**ଜିଇଓଡ଼ି - ୨**

**ବ୍ଲକ୍ : ୦୪**

**ପ୍ରଥମ ସଂସ୍କରଣ : ୨୦୨୦**

**ଲେଖକ : ଡଃ ଲିଙ୍ଗରାଜ ସାହୁ**
ଓଡ଼ିଆ ବିଭାଗ, ଶ୍ରୀରାମ ମହାବିଦ୍ୟାଳୟ, ରାମପୁର, ସୁବର୍ଣ୍ଣପୁର।

**ସମୀକ୍ଷକ : ଡ଼ଃ ସନ୍ତୋଷ କୁମାର ରଥ**
ଭୀମଭୋଇ ଚେୟାର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

**ଅଳଙ୍କରଣ : ଲିପିନା ସାହୁ,**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର।

**ଡିଟିପି : ଡଃ ଲିଙ୍ଗରାଜ ସାହୁ**

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2020."**Sahitya Adhayana**" is made available under a Creative Commons Attribution-ShareAlike 4.0http : creative commons.org/ licences/ by-sa/4.0

# ପ୍ରଥମ ଏକକ : ଓଡ଼ିଆ ରମ୍ୟରଚନା

**ବିଷୟର ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ରମ୍ୟରଚନାର ସଂଜ୍ଞା ଓ ବୈଶିଷ୍ଟ୍ୟ

୧.୫ ଓଡ଼ିଆ ସାହିତ୍ୟରେ ରମ୍ୟରଚନା

୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୭ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟରେ ରମ୍ୟରଚନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଧୁନିକ କାଳରେ ବହୁ ଲେଖକ ନୂତନ ଶୈଳୀରେ ଏହି ବିଭାଗକୁ ଋଦ୍ଧିମନ୍ତ କରି ବର୍ଣ୍ଣାଢ଼୍ୟ କରିବାରେ ଲେଖନୀ ଚାଳନା କରୁଛନ୍ତି। ଏହା ଏକ ସ୍ୱୟଂ ସଂପୂର୍ଣ୍ଣ ଗଦ୍ୟ ବିଭାଗ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଧୁନିକ ଯୁଗର ଯୁଗସ୍ରଷ୍ଟା କବି କବିବର ରାଧାନାଥ ରାୟ 'ବିବେକୀ' ରଚନା ଦ୍ୱାରା ଏଇ ଭଳି ଏକ ଅନନ୍ୟ ସାହିତ୍ୟର ଉନ୍ମେଷ ଓଡ଼ିଆ ସାହିତ୍ୟରେ ହୋଇଥିଲା। ରମ୍ୟରଚନାରେ ଲେଖକଙ୍କର ବ୍ୟକ୍ତିଗତ ଅଭିଜ୍ଞତା ଓ ଅନୁଭୂତିର ଉଷ୍ମ ସ୍ପର୍ଶ ପାଠକ ପ୍ରାଣକୁ ରସାଣିତ କରେ। ତେଣୁ ରମ୍ୟ ରଚନାର ସଂଜ୍ଞା, ସ୍ୱରୂପ, ସାହିତ୍ୟିକ ଆବେଦନ ତଥା ଗଦ୍ୟଶୈଳୀ ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ବିଶେଷ ଭାବରେ ସୂଚୀତ କରାଇବା ହେଉଛି ଏହି ଏକକ ପଠନର ମୂଳ ଉଦ୍ଦେଶ୍ୟ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନଲିଖିତ ଜ୍ଞାନ ଆହରଣ କରିପାରିବେ।

- ରମ୍ୟରଚନା କାହାକୁ କହିବା
- ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟରେ ରମ୍ୟରଚନାର ପ୍ରାସଙ୍ଗିକତା
- ଓଡ଼ିଆ ରମ୍ୟରଚନାର ଗଦ୍ୟାତ୍ମକ ଶୈଳୀ
- ଆଧୁନିକ ଓଡ଼ିଆ ସାହିତ୍ୟରେ ରମ୍ୟରଚନାର ଭୂମିକା

## ୧.୩ ବିଷୟ ପ୍ରବେଶ

ଓଡ଼ିଆ ସାହିତ୍ୟର ଆଧୁନିକ ବା ରାଧାନାଥ ଯୁଗରେ ଗଦ୍ୟ ସାହିତ୍ୟର ବହୁ ଶାଖା ପ୍ରଶାଖା ମେଲିଛି । କଥାକାର ଫକୀର ମୋହନ ସେନାପତି ଓଡ଼ିଆ ସାହିତ୍ୟରେ ହାସ୍ୟ ଓ ବ୍ୟଙ୍ଗ ପ୍ରୟୋଗ କରି ସମାଜ ସଂସ୍କାର ଆଭିମୁଖ୍ୟ ନେଇ ଗଦ୍ୟ ସାହିତ୍ୟ ସର୍ଜନା କରି ସଫଳ ସାହିତ୍ୟିକ ଭାବରେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଗୋପାଳ ଚନ୍ଦ୍ର ପ୍ରହରାଜ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଚୌଧୁରୀ ହେମକାନ୍ତ ମିଶ୍ର ପ୍ରମୁଖ ସ୍ରଷ୍ଟାଗଣ କିଭଳି ରମ୍ୟରଚନା ସୃଷ୍ଟି କରି ଶାଣିତ ବ୍ୟଙ୍ଗ ପ୍ରୟୋଗ କରି ଓଡ଼ିଆ ରମ୍ୟରଚନା ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ଲୋକପ୍ରିୟତା ପାଇବା ସହିତ ପାଠକ ମହଲରେ ଆଦର ଲାଭ କରି ଏହି ବିଭାଗଟି ପ୍ରଭାବଶାଳୀ ହୋଇପାରିଛି । ତେଣୁ ଏହାର ସାର୍ବଜନୀନ ଆବେଦନତାର ଅନୁଶୀଳନର ଆବଶ୍ୟକତା ରହିଅଛି ।

## ୧.୪ ରମ୍ୟରଚନାର ସଂଜ୍ଞା ଓ ବୈଶିଷ୍ଟ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ଏକ ଅନନ୍ୟ ବିଭାଗ ହେଉଛି ପ୍ରବନ୍ଧ। ଇଂରାଜୀ Essay ଶବ୍ଦର ପ୍ରତିଶବ୍ଦ ରୂପେ ଏହା ଓଡ଼ିଆ ସାହିତ୍ୟର ପ୍ରବନ୍ଧ ବିବେଚିତ ହୋଇଥାଏ। ଏହାର ପ୍ରକୃତି ଦୃଷ୍ଟିରୁ ଦୁଇ ଭାଗରେ ବିଭକ୍ତ କରାଯାଇ ଥାଏ। ଯଥା- ମନ୍ମୟ ବା ବ୍ୟକ୍ତିନିଷ୍ଠ ପ୍ରବନ୍ଧ (Subject, Familiar ବା Intimate Essay) ଏବଂ ତନ୍ମୟ ବା ବସ୍ତୁନିଷ୍ଠ ପ୍ରବନ୍ଧ (Obeject, Formal, Informative essay)। ଯେଉଁ ପ୍ରବନ୍ଧରେ ବ୍ୟକ୍ତିଗତ ଭାବନାର ଆଧିକ୍ୟ ରହିଥାଏ ତାହାକୁ ବ୍ୟକ୍ତିନିଷ୍ଠ ବା ମନ୍ମୟ ପ୍ରବନ୍ଧ କୁହାଯାଇଥାଏ। ବ୍ୟକ୍ତିନିଷ୍ଠ ପ୍ରବନ୍ଧକୁ ଆମ ପ୍ରତିବେଶୀ ବଙ୍ଗଳା ସାହିତ୍ୟ ପ୍ରଭାବରେ ରମ୍ୟରଚନା, ହିନ୍ଦୀ ସାହିତ୍ୟର ଛାୟାରେ ଲଳିତ ନିବନ୍ଧ ଭାବରେ ଗ୍ରହଣ କରାଯାଉଅଛି। ଓଡ଼ିଆରେ ବ୍ୟବହୃତ ହେଉଥିବା ରମ୍ୟ ଶବ୍ଦଟି 'ରମ୍' ଧାତୁରୁ ସୃଷ୍ଟି ଯାହାର ଅର୍ଥ ହେଉଛି କ୍ରୀଡ଼ା କରିବା। ମାତ୍ର "ରମ୍ୟରଚନା ଫରାସୀ 'Belles Letters' ଶବ୍ଦରୁ ଗ୍ରହଣ କରାଯାଇଛି। ଏହି ଫରାସୀ ଶବ୍ଦ ଦ୍ୱୟର ପ୍ରକୃତ ଅର୍ଥ ହେଉଛି "ସୂତ୍ରରୁ ପରିମାର୍ଜିତ ଲଘୁ ସାହିତ୍ୟ (Elegant literature Specially applied to Light Literature) ସୁଲଳିତ ଭଙ୍ଗୀରେ ହାଲ୍‌କା ମାନସିକତାର ରଚନାକୁ 'Belles Letters' କୁହାଯାଏ।" (ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ ପୃ.୯୧) ରମ୍ୟରଚନାକୁ ଇଂରାଜୀରେ Fine Letters (Letters Literature ଅର୍ଥ ପ୍ରଯୁକ୍ତ) ଭାବରେ ପ୍ରଯୁକ୍ତ ଯାହାର ଅର୍ଥ ହେଉଛି ଯେଉଁ ସୃଜନଶୀଳ ସାହିତ୍ୟ ଅଧିକ ରମଣୀୟ ଓ ଲଳିତ ତାହାହିଁ ପ୍ରକୃତରେ ହେଉଛି ରମ୍ୟରଚନା।

ରମ୍ୟରଚନାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଗାମ୍ଭୀର୍ଯ୍ୟ ସଂପନ୍ନ ବିଷୟବସ୍ତୁକୁ ମଧ୍ୟ ଲଳିତ ଭାବରେ ତୀର୍ଯ୍ୟକ ଦୃଷ୍ଟିକୋଣ ଦେଇ ପ୍ରକାଶ କରାଯାଇଥାଏ। ବିଭିନ୍ନ ଲଘୁ ବିଷୟକୁ ଲେଖକଙ୍କ ଦ୍ୱାରା ଅତି ଚମତ୍କାର ରୂପରେ ଶ୍ଳେଷାତ୍ମକ ରୀତିରେ ଏଥିରେ ବର୍ଣ୍ଣନା କରାଯାଇଥାଏ। ବିଶିଷ୍ଟ ପାଶ୍ଚାତ୍ୟ ସମାଲୋଚକ ତଥା ରମ୍ୟରଚନାକର ଉଇଲିୟମଙ୍କ ମତରେ :- "ରସ ପ୍ରଧାନ ଭାବର ରମ୍ୟାର୍ଥବୋଧକ ପରିବେଶଷଣ ହିଁ ରମ୍ୟରଚନା ଯାହା ପାଠକ ଠାରେ ଏକ ଶୃଙ୍ଖଳା ସଂପନ୍ନ ବ୍ୟକ୍ତିତ୍ୱବୋଧ ସୃଷ୍ଟି କରିଥାଏ।"

ରମ୍ୟରଚନା ପାଠକକୁ ଆତ୍ମ ଆବିଷ୍କାରର ଆନନ୍ଦ ଦାନରେ ବିଭୋର କରିଦିଏ। Roert Lynd ଙ୍କ ଭାଷାରେ:- "Same times it is nearly a Sermon, Sometimes it is nearly a short strong, it may be a tragment of autobiography or a piece of nonsense. It may be satirieal or vituperative or Sentimental It may deal with any subject from the day of judgment to a pair of scissiors."

ରମ୍ୟରଚନାକୁ ଲଳିତ ନିବନ୍ଧ ଭାବରେ ଅଭିହିତ କରି ବିଶିଷ୍ଟ ଆଲୋଚକ ଡକ୍ଟର ନିତ୍ୟାନନ୍ଦ ଶତପଥୀ କହନ୍ତି :- "ଯେଉଁଠି ବ୍ୟକ୍ତିଗତ ଅନୁଭୂତି ଓ ଆବେଗତାର ପରିପ୍ରକାଶ ଘଟିଥିବ ଓ ଆତ୍ମପ୍ରକାଶର ବ୍ୟାକୁଳତା ଥିବ, ତାହାକୁ ଲଳିତ ନିବନ୍ଧ ବା ରମ୍ୟରଚନା ପର୍ଯ୍ୟାପ୍ତଭୁକ୍ତ କରାଯିବା ଯଥାର୍ଥ ହେବ।"

ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ କଥାଶିଳ୍ପୀ ତଥା ସମାଲୋଚକ ସୁରେନ୍ଦ୍ର ମହାନ୍ତି ମତ ପ୍ରକାଶ କରନ୍ତି :- "ପ୍ରବନ୍ଧର ଗୁରୁଗାମ୍ଭୀର୍ଯ୍ୟ ବର୍ଜିତ, ଲଘୁ ରସାଶ୍ରିତ କିନ୍ତୁ ଭାବଦ୍ୟୋତକ ଚିନ୍ତାଧାରା ଶିଥିଳ, ଚଟୁଳ ବିଚରଣ, ସାଧାରଣତଃ ରମ୍ୟରଚନା ରୂପେ ଭାରତୀୟ ସାହିତ୍ୟ ସମାଲୋଚନାର ପରିମଣ୍ଡଳରେ ଗୃହୀତ ହୋଇଛି।"

ରମ୍ୟରଚନାରେ ମୁକ୍ତ ଚିନ୍ତାଧାରର ଭାବାବେଗ ପ୍ରକାଶ ପାଉଥିବାରୁ ଏହାକୁ ଆଧୁନିକ ଯୁଗର ଗଦ୍ୟାତ୍ମକ ଗୀତିକାବ୍ୟ (Lyrics in prose)ବୋଲି ମଧ୍ୟ କେହି କେହି ନାମିତ କରୁଛନ୍ତି। ରମ୍ୟରଚନାର ପାଠକୀୟ ଜନାଦୃତିକୁ ଲକ୍ଷ୍ୟ କରି ବିଶିଷ୍ଟ ରମ୍ୟରଚନାକାର ମହାପାତ୍ର ନୀଳମଣି ସାହୁ ମତବ୍ୟକ୍ତ କରନ୍ତି :- "ରମ୍ୟରଚନାରେ ଗୀତିକବିତାର ସ୍ୱାନୁଭୂତ ଆବେଗଧର୍ମୀ ଭାବ ବିଳାସ, କ୍ଷୁଦ୍ରଗଳ୍ପର କଥନଭଙ୍ଗୀ ଓ ଜଟିଳ ତଥ୍ୟ ତଥା ତତ୍ତ୍ୱର ନାନ୍ଦନିକ ବିଶ୍ଳେଷଣ ହୋଇଥାଏ।"

ରମ୍ୟରଚନାର ଆଉ ଏକ ବିଶେଷତା ତାର 'ଖୋଲାରୂପ' ସାହିତ୍ୟିକ ବିଭିନ୍ନ ପ୍ରରୂପର ବନ୍ଧନରୁ ଏହା ମୁକ୍ତ। ପାଠକକୁ ଆମୋଦ ଓ ଆନନ୍ଦ ଦେବା ତାର ଲକ୍ଷ୍ୟ । କେତେବେଳେ ତାହା କବିତା ପରି ରସାଳ ପୁଣି କେତେବେଳେ ନାଟକ ପରି ଦୃଶ୍ୟମୟ । ଓଡ଼ିଆ ସାହିତ୍ୟର ଜଣେ ପଥିକୃତ୍ ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ ଅନୁଭବ କରିଛନ୍ତି ପ୍ରତିଟି ସାହିତ୍ୟିକ ପ୍ରରୂପ ଏକ ଏକ ବନ୍ଧନ । ରମ୍ୟରଚନା ବା ଲଳିତ ନିବନ୍ଧ ଏହି ବନ୍ଧନରୁ ମୁକ୍ତି । ତାଙ୍କ 'ଦୃଷ୍ଟି ଓ ଦର୍ଶନ' ରମ୍ୟରଚନା ସଙ୍କଳନର ପୂର୍ବଭାସରେ ଏ ସଂପର୍କରେ ଲେଖିଛନ୍ତି - "ଏଣୁ ପ୍ରବନ୍ଧ ଏଭଳି ଲେଖିବ, ତାର ଭାଷା, ଭଙ୍ଗୀ, ଛଟା ଏମିତି ହେବ, କ୍ଷୁଦ୍ରଗଳ୍ପ ଏଭଳି ହେବ ବା କବିତା ସାଙ୍ଗକୁ ଲାଗି ଆସିଲେ ଏମିତି ସବୁ ଅଶୁଦ୍ଧ ହୋଇଯିବ ଇତ୍ୟାଦି ଚଟଶାଳିଆ ଅବଧାନଙ୍କ ତାଗିଦା ସତ୍ତ୍ୱେ ଅମାନିଆ ଲେଖକ ତା' ଖୋଇ ବଜାୟ ରଖେ । ତା ହ୍ରସ୍ୱ 'ଇ'ର ଲାଞ୍ଜ ପ୍ରୟୋଜନରୁ ଅଧିକ ଦୀର୍ଘ, ତା ଅକ୍ଷରଗୁଡ଼ାକ ଦେହକୁ ଲେସି ହୋଇ ଉଷୁମ ଭିଡ଼ନ୍ତି । ଗୋଟାକରୁ ଆରଟା ବାରିହୋଇ ଅପରିଚିତ ପରି ଆଡ଼େଇ ହୋଇଯିବା କିଛି ସେପରି ବାଧ୍ୟତାମୂଳକ ନୁହେଁ।

ବାନ୍ଧିଛନ୍ଦି ହେବା ଗୋଟାଏ ଅସ୍ୱସ୍ତିକର ଅବସ୍ଥା । ଏଣୁ ସମସ୍ତ ବର୍ଗୀକରଣକୁ ଭୁଲିଯାଇ ଏବେ ଇଂରାଜୀରେ ଗୋଟାଏ 'ଖୋଲାରୂପ' ଗୃହୀତ ହୋଇଗଲାଣି । ତାକୁ ସେମାନେ Open Form ବୋଲି

କହନ୍ତି। ଏଇଟା ସାହିତ୍ୟିକ ସ୍ୱେଚ୍ଛାଚାର ନୁହେଁ ବା ଉଦ୍ଦେଶ୍ୟହୀନ ବିଦ୍ରୋହ ମଧ୍ୟ ନୁହେଁ । କୌଣସି ଗୋଟିଏ ବର୍ଗରେ ଆବଦ୍ଧ ନ ରହି ଆଉ ଟିକିଏ ବିସ୍ତୃତ ହୋଇଗଲେ, ଟିକିଏ ସ୍ୱାଧୀନ ହୋଇଗଲେ ଦେଖାଯାଉଛି ଯେ କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ମିଶିଯାଇ ବେଶ୍ ଗୋଟିଏ ନୂଆଁ ପ୍ରଦେଶ ଗଠନ କରିପାରୁଛନ୍ତି । ସେଥିରେ ନାଟକ ପାଇଁ ବାସନ୍ଦ ନାହିଁ ବା କବିତା ପାଇଁ କଟକଣା ନାହିଁ । ସମସ୍ତଙ୍କୁ ଭିଡ଼ି ଆଣି ଜବରଦସ୍ତି କାଠବିଡ଼ା ପରି ବାନ୍ଧିବାର ପ୍ରୟାସ ଏଥିରେ ନାହିଁ । ସମସ୍ତଙ୍କର ସ୍ୱତନ୍ତ୍ର ମୂଳ ରକ୍ଷାକରି କେବଳ ଛନ୍ଦାଛନ୍ଦି ଶାଖା ପତ୍ରରେ ଗୋଟିଏ ସବୁଜ ଉପନିବେଶ ମଧ୍ୟ ଏହା ନୁହେଁ । ଏଇଟା ବରଂ ମଞ୍ଜିମଞ୍ଜି ମିଶି, ବର୍ଣ୍ଣ ରୂପ ମିଶି ନୂଆଁ ଗୋଟିଏ ଉଦ୍ଭିଦ । ତାର ଚେର ଭୂଇଁ ଛୁଇଁ ଗଲାଣି । ତାର କେବଳ ନାମକରଣ ହେବା ବାକି ଅଛି, ନିୟମିତ ବର୍ଗୀକରଣ ହେବା ବାକି ଅଛି ।"

ରମ୍ୟରଚନାରେ ଆତ୍ମନିଷ୍ଠ ଓ ସ୍ୱବେଗାତ୍ମକ ଅନୁଭୂତି ମନୋଜ୍ଞ ଭାବରେ ପ୍ରକାଶ ପାଇଥାଏ। ରମ୍ୟରଚନାର ବୈଶିଷ୍ଟ୍ୟଗୁଡ଼ିକ ହେଲା :- କ) ବର୍ଣ୍ଣନାରେ ରମଣୀୟତା

ଖ) ବାକ୍‌ଚାତୁରୀରେ ଚମତ୍କାରିତା

ଗ) ପରିବେଷଣରେ ହାସ୍ୟ ଲାଳିତ୍ୟ

ଘ) ଭାବର ତନ୍ମୟଧର୍ମୀ ରସାଳତା

ଙ) ଆବେଦନରେ ସଂସ୍କାରଧର୍ମୀତା

ରମ୍ୟରଚନା ବେଶ ବୈଚିତ୍ର୍ୟମୟ ଓ ରମଣୀୟ। ମାନବ ଜୀବନର ଓ ଜାଗତିକ ବିଶ୍ୱର ଗଭୀର ଆବେଗ, ଅନୁଭୂତି, ହୃଦୟ ସ୍ପନ୍ଦନ ଏଥିରେ ମାର୍ମିକ ଭାବରେ ରୂପ ଲାଭ କରିଥାଏ। ଯେକୌଣସି ବିଷୟ ହେଉନା କାହିଁକି ରମ୍ୟରଚନା ନିଶ୍ଚିତ ଭାବରେ ରମ୍ୟ ଓ ସୁଖପାଠ୍ୟ ହୋଇଥାଏ।

## ୧.୫ ଓଡ଼ିଆ ସାହିତ୍ୟରେ ରମ୍ୟରଚନା

ସାଂପ୍ରତିକ କାଳରେ ରମ୍ୟରଚନା ବିଶ୍ୱର ଏକ ପ୍ରମୁଖ ସାହିତ୍ୟିକ କଳା ଭାବରେ ନିବେଚିତ ହେଉଅଛି । ଏହା ପ୍ରଥମେ ଫ୍ରାନସରେ ଆରମ୍ଭ ହୋଇ ଇଂଲଣ୍ଡରେ ଏହା ଅଧିକ ପ୍ରଚଳିତ ଓ ପ୍ରସାରିତ ହେଲା। "ସାଧାରଣତଃ ଫରାସୀ ସାହିତ୍ୟିକ ମୋନ୍ତେନ ରମ୍ୟରଚନାର ଆଦ୍ୟ ପ୍ରବର୍ତ୍ତକ ରୂପେ ପରିଗଣିତ। କେହି କେହି ଇଂରାଜୀ ସାହିତ୍ୟିକ ଜନାଥନ୍ ସୁଇପଟ୍‌ଙ୍କୁ ରମ୍ୟରଚନାର ଜନକ ଭାବରେ ସମ୍ମାନିତ କରିଛନ୍ତି । ପାଶ୍ଚାତ୍ୟ ସାହିତ୍ୟରେ ରମ୍ୟରଚନାର ସାର୍ଥକ ସ୍ରଷ୍ଟା ଭାବରେ ଚାର୍ଲସ ଲାମ୍ବ, ଡି. କୋୟେ ନିକସ୍। ଆର୍ଣ୍ଣଲନ ବେନେଟ, ଏଇଚ୍.ଜେ ଓୟେଲସ୍, ଡି. ଏଚ୍ ଲରେନସ୍ ଚେଷ୍ଟରସନ୍ ଓ ହକ୍‌ଲିସ୍‌ଙ୍କ ନାମ ଉଚ୍ଚାରିତ ହୋଇଥାଏ।" (ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ, ପୃ.୯୨)।

ଓଡ଼ିଆ ସାହିତ୍ୟରେ ଯୁଗ ପ୍ରବର୍ତ୍ତକ କବିବର ରାଧାନାଥ ରାୟଙ୍କୁ ରମ୍ୟରଚନାର ଜନକ ଭାବରେ ବିବେଚନା କରାଯାଏ। ତାଙ୍କ ରଚିତ 'ବିବେକୀ' ହେଉଛି ପ୍ରଥମ ସଫଳ ରମ୍ୟରଚନା। ଏହି ଯୁଗର ଅନ୍ୟତମ ସାରସ୍ୱତ ସାଧକ କଥାକାର ଫକୀର ମୋହନଙ୍କ ରଚିତ 'ନନାଙ୍କ ପାଞ୍ଜି' ରମ୍ୟରଚନାର ଏକ ଅମୂଲ୍ୟ ସଂପଦ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଓଡ଼ିଆ ରମ୍ୟରଚନାର ଜଣେ ସଫଳଶିଳ୍ପୀ ହେଉଛନ୍ତି ଗୋପାଳ ଚନ୍ଦ୍ର ପ୍ରହରାଜ। ତାଙ୍କ ରଚିତ 'ବାଇ ମହାନ୍ତି ପାଞ୍ଜି', 'ନନାଙ୍କ ବସ୍ତାନି' ଓ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା' ଏକ ଏକ ରମ୍ୟରଚନାର ନାନ୍ଦନିକ ପରିପ୍ରକାଶ। ଡକ୍ଟର ଶ୍ରୀନିବାସ ମିଶ୍ରଙ୍କ ଭାଷାରେ- " ଫକୀର ମୋହନଙ୍କ ସରସ ରମ୍ୟରଚନା ନନାଙ୍କ ପାଞ୍ଜି ପ୍ରକାଶିତ ହେବା ପରେ ଓଡ଼ିଆ ସାହିତ୍ୟରେ ବ୍ୟକ୍ତିନିଷ୍ଠ ସମାଜ ପ୍ରସଙ୍ଗ ସଂପର୍କୀତ ରଚନାର ସୂତ୍ରପାତ ହୋଇଥିଲା। ଏ କ୍ଷେତ୍ରରେ ଫକୀର ମୋହନଙ୍କ ପ୍ରାରମ୍ଭିକ ଉଦ୍ୟମର ପରିପୂର୍ଣ୍ଣ ଅଭିବ୍ୟକ୍ତି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ରଚନାରେ ଦେଖିବାକୁ ମିଳେ। ଚିତ୍ତାକର୍ଷକ, ଆତ୍ମନିଷ୍ଠ, ସରସ ରମ୍ୟରଚନା କ୍ଷେତ୍ରରେ ପ୍ରହରାଜ ଫକୀର ମୋହନଙ୍କ ସୁଯୋଗ୍ୟ ଉତ୍ତର ସାଧକ।"

ପ୍ରଭାବଶାଳୀ ଜନପ୍ରିୟ ରମ୍ୟରଚନାର ଭାବରେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସୁପରିଚିତ। ତାଙ୍କ ଲିଖିତ ବଟୁଆ, କଖାରୁଫୁଲ, କଦଳୀ, ଛୋଟ କଥାଟିଏ ଇତ୍ୟାଦି ମଧ୍ୟରୁ 'ବଟୁଆ' ରଚନା ପାଇଁ ସେ ଓଡ଼ିଆଙ୍କ ହୃଦୟରେ ଅଧିକ ଜନପ୍ରିୟ ହୋଇପାରିଛନ୍ତି। 'ଆଖଡ଼ା ଘରେ ବୈଠକ'ର ଲେଖକ କୃଷ୍ଣପ୍ରସାଦ ବସୁ, ଗାଁ ମଜଲିସ୍‌ର ଲେଖକ ହରେକୃଷ୍ଣ ମହାତବ, ପତ୍ର ଓ ପ୍ରତିମା ଭଳି ଭାବନାଧର୍ମୀ ରମ୍ୟରଚନାର ଲେଖକ ନିତ୍ୟାନନ୍ଦ ମହାପାତ୍ର "ମୁଁ ସତ୍ୟଧର୍ମା କହୁଛି" ର ଲେଖକ ଚନ୍ଦ୍ରଶେଖର ରଥଙ୍କ ରଚନାବଳୀରେ ପାଠକ ଏକାତ୍ମ ହୋଇ ଆତ୍ମ ବିଭୋର ହୋଇଉଠେ। ଶରତ ମହାନ୍ତିଙ୍କ ଅପସଂସ୍କୃତିର 'ଇସ୍ତାହାର', 'ଭିନ୍ନ ପୃଥିବୀ' ଇତ୍ୟାଦି ଓଡ଼ିଆ ରମ୍ୟରଚନାରେ ଏକ ଏକ ସାର୍ଥକ ସୃଷ୍ଟି। ପ୍ରାବନ୍ଧିକ ଶରତ ମହାନ୍ତିଙ୍କ ଅପସଂସ୍କୃତିର ସେନାବାହିନୀ ରଚନାରୁ ତାଙ୍କ ଗଦ୍ୟଶୈଳୀର ଏକ ନମୁନା ହେଲା - "ଧୂଳିରେ ଗଡ଼ା ହେଉଥିବା ପଦ୍ମଫୁଲ କି ଦଶା ହେଲାଣି, ଯୁଆଡ଼େ ଚାହିଁଲେ ଆମେ ତାର ଦୃଷ୍ଟାନ୍ତ ଦେଖିବାକୁ ପାଉ । ପାଶୁପତକୁ ଗାଣ୍ଡୀବରେ ଯୋଚି, ଯଦି ମଧ୍ୟମ ପାଣ୍ଡବ ବିନ୍ଧନ୍ତି, ତେବେ ତ୍ରିଲୋକବିଜୟୀ ମଧ ଟଳି ପଡ଼େ ; କିନ୍ତୁ କୁନା ଯଦି ବାଉଁଶ ବାଡ଼ି ଧନୁରେ ଗୋଟିଏ ଚଢ଼େଇ ଉପରେ ପାଶୁପାତ ପ୍ରୟୋଗ କରେ, ତେବେ ଉଡ଼ି ପଳେଇବା ଜରୁରୀ ବୋଲି ଚଢ଼େଇ ଅନୁଭବ କରେ ନାହିଁ । ଆମ ଦେଶରେ ମହାନ୍ ମନ୍ତ୍ରବାକ୍ୟଗୁଡ଼ିକ କୁନା ହାତରେ ପାଶୁପତ ପରି ବ୍ୟବହୃତ ହୁଅନ୍ତି ।" ରମ୍ୟରଚନାରେ ଭାବର ଗଭୀରତା ଥିବାରୁ ଏହାର ଆବେଦନ ସାର୍ବଜନୀନ ହୋଇ ପାରିଛି। ଆଜି ବିଶ୍ୱର ଅନେକ ବିଷୟକୁ ନେଇ ଲେଖକମାନେ ରମ୍ୟରଚନା ସୃଷ୍ଟି କରୁଛନ୍ତି, ତେଣୁ ଏହା ଅଧିକ ମାତ୍ରାରେ ସମୃଦ୍ଧ ହେବାରେ ଲାଗିଛି।

## ୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ଓଡ଼ିଆ ରମ୍ୟରଚନାର ସଂଜ୍ଞା ଓ ବୈଶିଷ୍ଟ୍ୟ ନିରୂପଣ କର।

(ଖ) ଓଡ଼ିଆ ରମ୍ୟରଚନାର ବିକାଶଧାରା ସଂପର୍କରେ ଆଲୋଚନା କର।

(ଗ) ଓଡ଼ିଆ ଲଳିତ ନିବନ୍ଧର କଳାତ୍ମକ ଆବେଦନ ପ୍ରତିପାଦନ କର।

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ରମ୍ୟରଚନାର କାହାକୁ କୁହାଯାଏ।

(ଖ) ପ୍ରବନ୍ଧ କେତେ ପ୍ରକାର ଓ କ'ଣ କ'ଣ ?

(ଗ) ଓଡ଼ିଆ ସାହିତ୍ୟରେ ପ୍ରଥମ ରମ୍ୟରଚନା କ'ଣ। ଏହାର ରଚୟିତା କିଏ ?

(ଘ) ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ରଚିତ ରମ୍ୟରଚନାଗୁଡ଼ିକର ନାମ ଲେଖ ?

(ଙ) ମହାପତ୍ର ନୀଳମଣି ସାହୁଙ୍କ ରଚିତ ରମ୍ୟରଚନାଗୁଡ଼ିକର ନାମ ଲେଖ ?

## ୧.୭ ସହାୟକ ଗ୍ରନ୍ଥସୂଚୀ


- ପଟ୍ଟନାୟକ ବିଭୂତି- ସାହିତ୍ୟର ସୂଚୀପତ୍ର, ସୁଧାପ୍ରକାଶନ, କଟକ ୨ୟ ସଂସ୍କରଣ-୨୦୧୭ ।
- ମହାରଣା ସୁରେନ୍ଦ୍ର କୁମାର- ସାହିତ୍ୟର ତାଳପତ୍ର, ଫ୍ରେଣ୍ଡର୍ସ ପବ୍ଲିଶର୍ସ, କଟକ ୩ୟ ସଂସ୍କରଣ-୨୦୦୨।
- ସାମନ୍ତରାୟ ନଟବର- ଓଡ଼ିଆ ସାହିତ୍ୟର ଇତିହାସ, (୧୮୦୩-୧୯୨୦) ଲାବଣ୍ୟ ଭବନ, ଭୁବନେଶ୍ୱର, ୧ମ ପ୍ରକାଶ-୧୯୬୪ ।

# ଦ୍ୱିତୀୟ ଏକକ : ବାଇ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା) - ଗୋପାଳଚନ୍ଦ୍ର ପ୍ରହରାଜ

**ବିଷୟର ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ପ୍ରାବନ୍ଧିକ ଗୋପାଳଚନ୍ଦ୍ର ପ୍ରହରାଜ
୨.୫ ରମ୍ୟରଚନା ବାଇ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା) ର ଆଲୋଚନା
୨.୬ ରମ୍ୟରଚନା ବାଇ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା) ର ମୂଳପାଠ
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୮ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଆଧୁନିକ କାଳରେ ରମ୍ୟରଚନା ପାଠକ ପ୍ରାଣକୁ ଅଧିକ ରସାତ୍ମକ କରିପାରିଛି । ଯୁଗସ୍ରଷ୍ଟା ରାଧାନାଥ ରାୟଙ୍କ ପରେ ଓଡ଼ିଆ ସାହିତ୍ୟରେ ରମ୍ୟରଚନା ଉପରେ ଅନେକ ଲେଖକ ଲେଖନୀ ଚାଳନା କରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଚାଲିଛନ୍ତି । ଓଡ଼ିଆ ରମ୍ୟରଚନାର ଧାରାରେ ଗଦ୍ୟଶିଳ୍ପୀ ଗୋପାଳ ଚନ୍ଦ୍ର ପ୍ରହରାଜ ହେଉଛନ୍ତି ଜଣେ ପ୍ରଭାବଶାଳୀ ଲେଖକ । ତାଙ୍କର ହାସ୍ୟାତ୍ମକ ତଥା ବ୍ୟଙ୍ଗାତ୍ମକ ଶୈଳୀ ଓଡ଼ିଆ ପାଠକ ପ୍ରାଣକୁ ଗଭୀର ଆକର୍ଷିତ କରିପାରିଛି । ତାଙ୍କର ଗବେଷଣାତ୍ମକ ରଚନା, ସଂପାଦନା, ତଥା ପ୍ରବନ୍ଧଗୁଡ଼ିକ ଅନନ୍ୟ ଓ ଅସାଧାରଣ । ଏଇଭଳି ଜଣେ ସ୍ୱନାମଧନ୍ୟ ଲେଖକଙ୍କ ବିଷୟରେ ଓ ତାଙ୍କ କୃତି ସଂପର୍କରେ ଏହି ଏକକରେ ଆଲୋଚିତ ହୋଇଛି ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ଆମେ ନିମ୍ନ ଲିଖିତ ପ୍ରସଙ୍ଗ ଉପରେ ଜାଣି ପାରିବା

- ଓଡ଼ିଆ ରମ୍ୟରଚନାରେ ଗୋପାଳଚନ୍ଦ୍ରଙ୍କ ସ୍ଥାନ
- ପ୍ରାବନ୍ଧିକ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପରିଚୟ
- ବାଇ ମହାନ୍ତି ରମ୍ୟରଚନାର ଆଭିମୁଖ୍ୟ
- ବାଇ ମହାନ୍ତି ଲଳିତ ନିବନ୍ଧର ଗଦ୍ୟଶୈଳୀ

## ୨.୩ ବିଷୟ ପ୍ରବେଶ

ଓଡ଼ିଆ ରମ୍ୟରଚନା ସାହିତ୍ୟରେ ଗୋପାଳ ଚନ୍ଦ୍ର ପ୍ରହରାଜ ହେଉଛନ୍ତି କଥାକାର ଫକୀରମୋହନ ସେନାପତିଙ୍କ ଯଥାର୍ଥ ପ୍ରତିନିଧି । ଓଡ଼ିଆ ସାହିତ୍ୟର ଆଧୁନିକ କାଳର ଗଦ୍ୟ ସାହିତ୍ୟର ସେ ବିଶିଷ୍ଟ ହାସ୍ୟ ବ୍ୟଙ୍ଗକାର ଲେଖକ । ତାଙ୍କର ଶୈଳୀ ସ୍ୱତନ୍ତ୍ର । ଏହା ଯେପରି ତୀର୍ଯ୍ୟକ ବ୍ୟଙ୍ଗରେ ଶାଣିତ, ସେହିପରି ମଧ୍ୟ ବୁଦ୍ଧିଦୀପ୍ତ । ସରଳ ସାବଲୀଳ ଶାଣିତ ବ୍ୟଙ୍ଗାତ୍ମକ ଶୈଳୀ ପ୍ରକାଶ କରି ଓଡ଼ିଆ ସାହିତ୍ୟରେ ଅଶେଷ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ରଚିତ ମହାନ୍ତି ପାଞ୍ଜି ଏକ ବହୁ ଚର୍ଚ୍ଚିତ ରମ୍ୟରଚନା । ଏଥିରେ ମଧ୍ୟ ପ୍ରାବନ୍ଧିକ ସେହି ହାସ୍ୟ ବ୍ୟଙ୍ଗାତ୍ମକ ଶୈଳୀ ରମ୍ୟରଚନାଟିକୁ ଅଧିକ ସୁଖପାଠ୍ୟ କରିପାରିଛି । ଏ ସବୁକୁ ଦୃଷ୍ଟିରେ ରଖି 'ବାଇ ମହାନ୍ତି' ରମ୍ୟରଚନା ସଂପର୍କରେ ଏ ପ୍ରସଙ୍ଗରେ  ଆଲୋଚନା କରାଯାଇଛି

## ୨.୪ ପ୍ରାବନ୍ଧିକ – ଗୋପାଳଚନ୍ଦ୍ର ପ୍ରହରାଜ

ଓଡିଆ ରମ୍ୟରଚନାସାହିତ୍ୟର ବରେଣ୍ୟ ଶିଳ୍ପୀ ହେଉଛନ୍ତି ଗୋପାଳଚନ୍ଦ୍ର ପ୍ରହରାଜ । ଊନବିଂଶ ଶତାବ୍ଦୀର ଶେଷପାଦ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ପ୍ରାବନ୍ଧିକ  ଲେଖନୀ ଚାଳନା କରି ଓଡିଆ ଗଦ୍ୟ ସାହିତ୍ୟକୁ ମହିମା ମଣ୍ଡିତ କରିଛନ୍ତି । ଓଡିଆ ସାହିତ୍ୟର ଅସାମାନ୍ୟ କଥାକାର ଫକୀରମୋହନ ସେନାପତିଙ୍କ ଶୈଳୀକୁ ଅନୁସରଣ କରିଛନ୍ତି । "ଶାଣିତ ବ୍ୟଙ୍ଗ ଓ ବିଦ୍ରୂପ ମାଧ୍ୟମରେ ତାଙ୍କ ଲେଖାରେ ଆମେ ପାଉ ସାମାଜିକ ଅପଚାର ବିରୋଧରେ ଏକ ଦୃପ୍ତ ଅଭିଯାନ । ଏହି ଆଭିମୁଖ୍ୟ ନିଃସନ୍ଦେହରେ ଫକୀରମୋହନଙ୍କ ବିଶ୍ୱସ୍ତ ଅନୁସରଣ । ଭାଷା ପ୍ରୟୋଗରେ ମଧ୍ୟ ଫକୀରମୋହନ ହିଁ ତାଙ୍କର ଗୁରୁ ।" (ଓଡିଆ ପ୍ରବନ୍ଧ ସାହିତ୍ୟର ଇତିହାସ - ଡ. ଅସିତ କବି, ପୃ. ୩୮)

ଏଇ ପ୍ରଚଣ୍ଡ ପ୍ରତିଭାଧାରୀ ଗଦ୍ୟଶିଳ୍ପୀଙ୍କର ୧୮୭୪ ମସିହା ସେପ୍ଟେମ୍ବର ମାସ ନଅ ତାରିଖରେ ଜନ୍ମ ହୋଇଥିଲା ଏକ ଜମିଦାର ପରିବାରରେ,  ସେ କାଳର କଟକ ଜିଲ୍ଲାର କୋଦିଣ୍ଡା ପ୍ରଗଣା ଅନ୍ତର୍ଗତ ସିଦ୍ଧେଶ୍ୱରପୁର ଗ୍ରାମରେ  । ସେ ଓକିଲାତି କରି ଜୀବନ ନିର୍ବାହ କରୁଥିଲେ ମଧ୍ୟ ସାହିତ୍ୟ ସାଧନା ହିଁ ତାଙ୍କ ଜୀବନର ପରମବ୍ରତ ଥିଲା । "ପ୍ରହରାଜଙ୍କ ସମଗ୍ର ଜୀବନ ଓ ସାହିତ୍ୟକୁ ଆମେ ଆତ୍ମ ସମୀକ୍ଷଣ ଓ ବିରେଚନ ମାନସିକତାର ମହାଗ୍ରନ୍ଥ କହିପାରିବା ଏବଂ ସେହି ଗ୍ରନ୍ଥରେ ସଂଯୋଜିତ ସୂତ୍ରମାନଙ୍କ ମାଧ୍ୟମ ଦେଇ ସମକାଳୀନ ସମାଜ ଓ ଜନ ଜୀବନକୁ ମଧ୍ୟ ପଢି ପାରିବା । ତାଙ୍କ ଜୀବନ ଗ୍ରନ୍ଥ ଆମ ଜୀବନକୁ ପ୍ରଦୂଷିତ କରେନି ବରଂ ଚେତନାକୁ ଯେ ପରିଶୋଧନ କରେ - ଅନୁରୂପ ମନ୍ତବ୍ୟକୁ ସ୍ୱୀକାର କରିବା ।" (ପ୍ରହରାଜ ଗ୍ରନ୍ଥାବଳୀ, ରମ୍ୟରଚନା ୧ମ ଖଣ୍ଡ - ସଂପାଦନା - ଗୌରାଙ୍ଗ ଚରଣ ଦାଶ, ପୃ.  XV)

ଲେଖକ ରମ୍ୟରଚନାରେ ଅଲିଭର ଓ୍ୱେଣ୍ଡେଲ ହୋମ୍‌ସ୍‌ଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ତାଙ୍କ ରଚନାରେ ଶାଣିତ ବ୍ୟଙ୍ଗାତ୍ମକ ଶୈଳୀ ପାଠକ ପ୍ରାଣକୁ ବେଶ ଆମୋଦିତ କରିଥାଏ । ପ୍ରହରାଜଙ୍କ ଗଦ୍ୟଶୈଳୀ ସଂପର୍କରେ ମତବ୍ୟକ୍ତ କରିବାକୁ ଯାଇ କୁହାଯାଇଛି – "ଓଡିଆମାନଙ୍କ ଆତ୍ମାର କଥାକୁ ସେମାନଙ୍କ ତୁଣ୍ଡର ଭାଷାରେ ଲେଖିଲେ । କାହାଣୀ ପରି, ଆଲୋଚନାଗୁଡିକରେ ମଧ୍ୟ ସମରୀତିରେ ପ୍ରୟୋଗ କଲେ । ଅବଶ୍ୟ ଆପଣାକୁ ଶ୍ରୀଦୁର୍ମୁଖ ଶର୍ମା, ପାଣିପାତ୍ର ଶର୍ମା କେତୋଟି ଛଦ୍ମନାମରେ ପରିଚିତ କରାଉଥିଲେ । ମାତ୍ର ପରବର୍ତ୍ତୀ

କାଳରେ ଚୁପ୍ ଶଇତାନି ଭାବଠାରୁ ସେ ଦୂରେଇ ଯାଇଥିଲେ । ବିଖ୍ୟାତ ଆମେରିକୀୟ ଲେଖକ ଅଲିଭର ଓ୍ୱେଣ୍ଡେଲ ହୋମସ୍‌ଙ୍କୁ ଆପଣାର କଲେ କ୍ରମଶଃ ତାଙ୍କ ଭିତରେ ନିଜ ପ୍ରତି ବିଶ୍ୱସ୍ତ ଭାବ ଅଧିକ ଘନ ହେଉଥିଲା ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଅନୁଭବର ଘନତା ଭିତରେ ସେ କହିଥିଲେ , ଅନୁଭବ ଓ ବିଗ୍ରରକୁ ଓଡିଆମାନଙ୍କ ଭାଷା ଓ ସେମାନଙ୍କ କଥନ ଶୈଳୀରେ ପ୍ରକାଶ କରୁଥିଲେ । (ପ୍ରହରାଜ ଗ୍ରନ୍ଥାବଳୀ - ରମ୍ୟରଚନା ୧ମ ଖଣ୍ଡ – ସଂପାଦନା - ଗୌରାଙ୍ଗ ଚରଣ ଦାଶ, ପୃ. xxxii)

ପ୍ରହରାଜଙ୍କ ପ୍ରଣୀତ ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ ଓଡିଆ ଜାତିର ଏକ ଅନନ୍ୟ କୋଣାର୍କ । ଏହା ହେଉଛି ତାଙ୍କ ପ୍ରଜ୍ଞାର ଶ୍ରେଷ୍ଠ ନିଦର୍ଶନ । ତାଙ୍କ ଭାଷା ପ୍ରୀତିର ଅନ୍ୟତମ ନିଦର୍ଶନ ହେଉଛି 'ଢଗଢମାଳି ବଚନ' ଓ 'ଉତ୍କଳ କାହାଣୀ' ନାମକ ଲୋକ ସାହିତ୍ୟ ସଙ୍କଳନ । ଶିଶୁ ସାହିତ୍ୟ ମଧ୍ୟରେ 'ଧୋରେ ବାୟା ଧୋ' ତାଙ୍କ ପ୍ରତିଭାର ଅନ୍ୟତମ ପରିଚୟ । ତାଙ୍କ ରଚିତ 'ଆମ ଘରର ହାଲଚାଲ', 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା', 'ନନାଙ୍କ ବସ୍ତାନି', 'ବାଇମହାନ୍ତି ପାଞ୍ଜି' ଓଡିଆ ଗଦ୍ୟ ସାହିତ୍ୟର ଅମୂଲ୍ୟ ସଂପଦ ।

ଶ୍ରୀନିବାସ ମିଶ୍ର ପ୍ରହରାଜଙ୍କ ଗଦ୍ୟଶୈଳୀ ସଂପର୍କରେ ମତ ପ୍ରକାଶ କରିଛନ୍ତି – "ଗୋପାଳଚନ୍ଦ୍ର ପ୍ରହରାଜ ସମାଜ ସଚେତନ ବ୍ୟକ୍ତିନିଷ୍ଠ ଶିଳ୍ପୀ । ଏକ ପକ୍ଷରେ ରକ୍ଷଣଶୀଳତାର ସମର୍ଥକ ଥିଲେ ସୁଦ୍ଧା ଆଧୁନିକତାର ଗୁଣ ଗ୍ରହଣରେ ସେ ଥିଲେ ଉନ୍ମୁଖ । ହୋମସ୍‌ଙ୍କ ପ୍ରସଙ୍ଗରେ କୁହାଯାଏ, ସେ ଥିଲେ ଜଣେ Brahmin of Brahmins ଏବଂ ରକ୍ଷଣଶୀଳ । ତଥାପି Calvinism ପ୍ରତି ତାଙ୍କର ଥିଲା ଘୃଣା । ଗୋପାଳଚନ୍ଦ୍ର ପ୍ରହରାଜ ରକ୍ଷଣଶୀଳ ବ୍ରାହ୍ମଣ ଥିଲେ ସୁଦ୍ଧା ଚିନ୍ତାର ସ୍ୱାଧୀନତା, ବୁଦ୍ଧିବାଦ ମାନସିକ ସ୍ୱାତନ୍ତ୍ର୍ୟ ସକଳର ଥିଲେ ସମର୍ଥକ । ବ୍ୟକ୍ତି, ଜାତି ଓ ଦେଶର ବିଭିନ୍ନ କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ତାଙ୍କ ବ୍ୟଙ୍ଗାତ୍ମକ ଲେଖନୀରେ ତୀବ୍ର ସମାଲୋଚନାର ଶରବ୍ୟ ହୋଇଥିଲେ । ମଣିଷର କ୍ଷୁଦ୍ରତା, ପ୍ରକୃତିର ଛଦ୍ମତା, ଚିନ୍ତାର ସଂକୀର୍ଣ୍ଣତା ସକଳ ପ୍ରତି ଥିଲା ତାଙ୍କର ଘୃଣା । ବିଭିନ୍ନ ପର୍ଯ୍ୟାୟରେ ଲିଖିତ ରମ୍ୟରଚନାରେ ସ୍ଥଳେ ସ୍ଥଳେ ବିଷୟବସ୍ତୁର ପୁନରାବୃତ୍ତି, ସଂହତିବୋଧର ଅଭାବ ପରିଲକ୍ଷିତ ହେଉଥିଲେ ହେଁ ବର୍ଣ୍ଣନାର ଚମତ୍କାରିତା , ବିଷୟବସ୍ତୁ ଉପସ୍ଥାପନାରେ ଲେଖକଙ୍କ ରସିକତା ଓ କୌତୁକ ପ୍ରିୟତା, ଭାଷାର ସରଳତା, ଢଗଢମାଳି ପ୍ରୟୋଗରେ ନିପୁଣତା ସମଗ୍ର ରଚନାବଳୀକୁ ଏକ ବଳିଷ୍ଠ ସୌନ୍ଦର୍ଯ୍ୟାନୁଭୂତିରେ ରସାଣିତ କରିଅଛି । (ଆଧୁନିକ ଓଡିଆ ଗଦ୍ୟ ସାହିତ୍ୟ - ଶ୍ରୀନିବାସ ମିଶ୍ର - ପୃ.୨୮୨/୨୮୩) ଏଇ ମହାନ ଗଦ୍ୟଶିଳ୍ପୀଙ୍କ ବିୟୋଗ ଘଟିଥିଲା ୧୯୪୫ ମସିହା ମେ ମାସ ଷୋହଳ ତାରିଖରେ ।

## ୨.୫ ବାଇ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା)ର ଆଲୋଚନା

ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଏକ ସଫଳ ରମ୍ୟରଚନା ହେଉଛି ବାଇମହାନ୍ତି ପାଞ୍ଜି । ଏହି ଲଳିତ ନିବନ୍ଧଟିକୁ ଗଦ୍ୟଶିଳ୍ପୀ ପ୍ରହରାଜ ଶ୍ରୀଦୁର୍ମୁଖ ଶର୍ମା ଛଦ୍ମନାମରେ ରଚନା କରିଥିଲେ । "ଏହା ଧାରାବାହିକ ଭାବରେ ଉତ୍କଳ ସାହିତ୍ୟ ପତ୍ରିକାର ପଞ୍ଚମ ଭାଗ, ଏକାଦଶ ସଂଖ୍ୟା (୧୩୦୯ ସାଲ)ରୁ ଆରମ୍ଭ ହୋଇ ପନ୍ଦର ଗୋଟି ବିଡାରେ, ୭ମ ଭାଗ ଦଶମ ସଂଖ୍ୟା (୧୩୧୧ ସାଲ)ରେ ଶେଷ ହୋଇଥିଲା । ପାଞ୍ଜି ପୁସ୍ତକ ଆକାରରେ ୧୯୧୩ ମସିହାରେ ପ୍ରଥମେ ପ୍ରକାଶ ପାଇଥିଲା । ପୁସ୍ତକର ବ୍ୟୟଭାର ବହନ କରିଥିଲେ ସୋନପୁରର ମହାରାଜା ଶ୍ରୀ ବୀରମିତ୍ର ସିଂହଦେଓ । ପ୍ରହରାଜଙ୍କ ଜୀବିତାବସ୍ଥାରେ ଏହାର ଦ୍ୱିତୀୟ ମୁଦ୍ରଣ ମହାନନ୍ଦ

କରଙ୍କ ଦ୍ୱାରା ୧୯୩୭ ମସିହାରେ ହୋଇଥିଲା ।” (ପ୍ରହରାଜ ଗ୍ରନ୍ଥାବଳୀ - ପୃ. ୯୩) ବାଇ ମହାନ୍ତି ପାଞ୍ଜିରେ ସମୁଦାୟ ୧୫ ଗୋଟି ବିଡ଼ା ସ୍ଥାନ ପାଇଛି । ଆମ ପାଠ୍ୟ ପୁସ୍ତକରେ ଏହାର ପ୍ରଥମ ବିଡ଼ା ଅନ୍ତର୍ଭୁକ୍ତ ହୋଇଅଛି ।

ବାଇମହାନ୍ତିର ଦ୍ୱିତୀୟ ବିଡାରେ ସ୍ତ୍ରୀ ଶିକ୍ଷା ଓ ସ୍ୱାଧୀନତା ପ୍ରଦାନରେ ସୃଷ୍ଟି ହେଉଥିବା ଅନ୍ତରାୟ । ୩ୟ ବିଡାରେ ବିଧବା ବିବାହ ପ୍ରଚଳନ ଦ୍ୱାରା ସାଧିତ ଅମଙ୍ଗଳର ସୂଚନା, ୪ର୍ଥ ବିଡାରେ ଆମ୍ବର ପ୍ରକାର ଭେଦ, ୫ମ ବିଡାରେ ମାନବ ପ୍ରକୃତିର ଦୁର୍ବଳତା ଉପଲବ୍ଧି , ୬ଷ୍ଠ ବିଡାରେ ନବ୍ୟ ସଭ୍ୟତା, ୭ମ ବିଡାରେ ବିଦେଶ ଭ୍ରମଣ , ୮ମ ବିଡାରେ ମହାନ୍ତିଙ୍କ ବିଚିତ୍ର ଖିଆଲ, ୯ମ ବିଡାରେ ପୁରୀ ଦର୍ଶନର ବିଚିତ୍ର ଅନୁଭୂତି । ୧୦ମ ବିଡାରେ ବାଇମହାନ୍ତିଙ୍କ ଅନ୍ତଃସ୍ୱରୂପ । ୧୧ଶ ବିଡାରେ ଘରଣୀଙ୍କ ପ୍ରକାରଭେଦ । ୧୨ଶ ବିଡାରେ ଗୁରୁଶିଷ୍ୟ ସମ୍ବାଦ (ପ୍ରଥମାର୍ଦ୍ଧ), ୧୩ଶ ବିଡାରେ ଗୁରୁଶିଷ୍ୟ ସମ୍ବାଦ (ଦ୍ୱିତୀୟାର୍ଦ୍ଧ) । ୧୪ଦଶ ବିଡାରେ ମୋହରିର ଅନୁଭୂତି ଏବଂ ୧୫ଦଶ ବିଡାରେ ବାଇମହାନ୍ତିଙ୍କ ଭବିଷ୍ୟତ ଜୀବନ ଓ ରାଜକୀୟ ଅନୁଭୂତି ସଂପର୍କରେ ବର୍ଣ୍ଣନା କରାଯାଇଛି ।

ବାଇମହାନ୍ତି ସଂପର୍କରେ ପ୍ରହରାଜ ଗ୍ରନ୍ଥାବଳୀ, ରମ୍ୟରଚନା ୧ମ ଖଣ୍ଡ ସଙ୍କଳନରେ ମତ ପ୍ରକାଶ ପାଇଛି - “ପାଞ୍ଜିର ନାୟକ ବାଇମହାନ୍ତି । ପରଂପରାର ଭୂମି ଉପରେ ଠିଆ ହୋଇ ଆତ୍ମ-ସମୀକ୍ଷଣରେ ନିମଗ୍ନ ଜଣେ ସମକାଳୀନ ମଣିଷ । ମାତ୍ର ବିଚାରରେ ସେ ପରଂପରା ସର୍ବସ୍ୱ କି ସମସାମୟିକ ନୁହଁନ୍ତି, ଆଧୁନିକ । ସେ ମର୍ଦ୍ଦଳ କି ମାଦଳ ନୁହନ୍ତି, ଚଳମାନ । ଭାଗବତ ଟୁଙ୍ଗୀ ବର୍ଣ୍ଣିତ ମସ୍ତରାମ ଚରିତ୍ରର ସଚେତନ ସଂସ୍କରଣ, ଅନ୍ୟ ପକ୍ଷରେ କହିଲେ ପ୍ରହଜାୟନ ।” (ସଂ-ଗୌରାଙ୍ଗ ଚରଣ ଦାଶ, ପୃ ୯୩)

ଲେଖକ ରମ୍ୟରଚନାରେ ବିଷୟବସ୍ତୁ ବିନ୍ୟାସରେ ଏକ ନିର୍ଦ୍ଦିଷ୍ଟ କ୍ରମ ଓ ତହିଁରେ ଏକ ସଂହତି ରକ୍ଷା କରିଛନ୍ତି । ପ୍ରାବନ୍ଧିକ ପ୍ରହରାଜ ସାର ରୋଜରଙ୍କ ଅନୁକରଣରେ ବାଇ ମହାନ୍ତି ନାମକ ଏକ କାଳ୍ପନିକ ଚରିତ୍ର ସୃଷ୍ଟି କରି ତା’ରି ମାଧ୍ୟମରେ ହାସ ପରିହାସ ଓ ରସିକତା ମାଧ୍ୟମରେ ତତ୍ କାଳୀନ ଓଡିଆ ସମାଜର ନାନାଦି କୁସଂସ୍କାର ଓ ରୀତିନୀତିକୁ ବିଶ୍ଳେଷଣ କରିଛନ୍ତି । ପ୍ରାବନ୍ଧିକ ବାଇ ମହାନ୍ତି ପାଞ୍ଜିକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । ପ୍ରଥମଟି ହେଲା-ବିଜ୍ଞାପନ, ଦ୍ୱିତୀୟଟି ହେଉଛି-ଦେଶୀୟ ଆଭରଣର ଉପକାରିତା ଓ ତୃତୀୟଟି ହେଉଛି - ମାନ୍ୟଗନ୍ୟ ହେବାର ଉପାୟ । ବିଜ୍ଞାପନ ପର୍ଯ୍ୟାୟରେ ପ୍ରାବନ୍ଧିକ ବାଇ ମହାନ୍ତିଙ୍କ ପରିଚୟ ପ୍ରଦାନ କରିଛନ୍ତି । ବାଇ ମହାନ୍ତିଙ୍କ ପୁରା ନାମ ହେଉଛି ଶ୍ରୀ ବାଇଧର ମହାନ୍ତି । ତାଙ୍କ ଡାକ ନାମ ହେଉଛି ବାଇମହାନ୍ତି । ସେ ହେଉଛନ୍ତି ପୁରୁଣାକାଳିଆ ଲୋକ । ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାଶୈଳୀଟି ଅପୂର୍ବ । ସେ ଫକୀର ମୋହନଙ୍କ ଦ୍ୱାରା ଅନେକ ପରିମାଣରେ ଅନୁପ୍ରାଣିତ ହୋଇଛନ୍ତି । ତାର ଏକ ଉଦାହରଣ ଏଠାରେ ଉପସ୍ଥାପନା କରାଯାଇପାରେ - “ତାଙ୍କର ପୁରୁଣାକାଳିଆ ମାଟିବଂଶ ଅବଧାନିଆ ପାଠପଢା । ସେ ତାଳପତ୍ର ଗୁଡା କାଗଜ କଲମର କଡାଏ (ଅତି ସାମାନ୍ୟ) ଧାରନ୍ତି ନାହିଁ । ବାଇ ମହାନ୍ତି ଅବଶ୍ୟ ବାଳକ ବା ଯୁବକ ନୁହଁନ୍ତି, ତାଙ୍କ କହିବାର ପ୍ରକାଶ - ‘ନ’ ଅଙ୍କକୁ ତାଙ୍କ ବୟସ ୩୩ ବର୍ଷ ହୋଇଥିଲା ବୋଲି ଆମ୍ଭେମାନେ ହିସାବ କରି ଦେଖିଅଛୁ । ଆପଣମାନେ ମଧ୍ୟ ଗଣନା କରିବେ । ବାଇମହାନ୍ତି କୌଣସି ଚାକିରି ନ ପାଇବାରୁ ଅଧୁନାତନ (ଏବେକାର ବା ବର୍ତ୍ତମାନ)ର ବିଭିନ୍ନ ତତ୍ତ୍ୱକୁ, ବିଭିନ୍ନ ସ୍ଥାନ ପରିଭ୍ରମଣ କରି ପାଞ୍ଜି ରଚନା କରିଛନ୍ତି ।

ପ୍ରଶାସନିକ ବିଭାଗ କିସମତ ତାଲୁକେ ହରିହର ନୂଆପଡା ମୌଜାର ଶ୍ରୀଶ୍ରୀଶ୍ରୀ ଜମିଦାର ଚଉଧୁରୀ ରାମଚନ୍ଦ୍ର ସାମନ୍ତରାୟଙ୍କ ଗୃହର ଚାକରମାନଙ୍କର ବିବରଣୀର କେତେକ ପାଂଜିର ଅଂଶ ଦେଶୀୟ ଆଭରଣର ଉପକାରିତାରେ ପ୍ରକାଶ କରିବାକୁ ଯାଇ ପ୍ରାବନ୍ଧିକ ବର୍ଣ୍ଣନା କରିଛନ୍ତି - ଆମ୍ଭମାନଙ୍କ ସ୍ତ୍ରୀମାନେ ଓ ବାଳକ ବାଳିକାମାନେ ଯେଉଁ ଅଳଙ୍କାର ବ୍ୟବହାର କରନ୍ତି, ତହିଁରେ ସ୍ୱାସ୍ଥ୍ୟର ସଂପର୍କ ଅଛି ଓ ଅନ୍ୟାନ୍ୟ କେତେକ ଉପକାର ଅଛି । ଯଥା : କାନଫୋଡାରେ - ଅନ୍ତକୋଷ ରୋଗର ପ୍ରତିକାର । ନାକ ଫୋଡାରେ - ସ୍ୱରର ଅନୁନାସିକ ମାଧୁରୀ ବୃଦ୍ଧି । ଅନନ୍ତବ୍ରତ ଧାରଣରେ - ପ୍ଲୀହାବୃଦ୍ଧିର ପ୍ରତିରୋଧ । ଅଣ୍ଟାସୂତାରେ - ବାତରୋଗ ଦୂରୀକରଣ ।

ପ୍ରାବନ୍ଧିକ ମାନ୍ୟଗନ୍ୟ ହେବାର ଉପୟରେ ସମାଜରେ ମାନ୍ୟଗଣ୍ୟ ପାଇବାକୁ ହେଲେ କ'ଣସବୁ କରିବାକୁ ହୁଏ ତାର ଏକ ଲକ୍ଷିତ ଦିଗ ବର୍ଣ୍ଣନା କରିଛନ୍ତି । ତାର କେତେକ ନମୁନା ଉଦାହରଣ ମାଧ୍ୟମରେ ଦିଆଗଲା । ଯଥା : "ବିବେକକୁ ବିଲାତି ତାସ ପରି ଚାଳନା କରିବ । ଟଙ୍କାକୁ ହୃଦୟର ଈଶ୍ୱର ବୋଲି ମାନିବ । ବାହାରେ ସୁଖ୍ୟାତି ଓ ଖୋସାମତକୁ ଘୃଣା କରିବ; କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଇଚ୍ଛାନୁଯାୟୀ କାର୍ଯ୍ୟ କରିବ । ବାହାରେ ଦେବତା ଅବତାର ବୋଲି ଦେଖାଇବ, କିନ୍ତୁ ହୃଦୟରେ ନରକ ପ୍ରତିଷ୍ଠା କରିଥାଅ, କ୍ଷତି ନାହିଁ । ଦିବାରାତ୍ର ଉଚ୍ଚପଦସ୍ଥଙ୍କ ଚରଣ ଓ ଅନ୍ୟାନ୍ୟ ଅଙ୍ଗମାନ ଖଞ୍ଜାଖାଞ୍ଜି ଉଣ୍ଡି ମର୍ଦ୍ଦନ କରିବ । ନୀଚପଦସ୍ଥଙ୍କୁ ତ୍ରୁଟି ଧରି ସର୍ବଦା ପଦାଘାତ କରିବ ।" ସତେ ଯେମିତି ଏସବୁ ସମାଜର ନିଚ୍ଛକ ସତ୍ୟ ଗାଥା ତଥା ଉପାଦାନଗୁଡ଼ିକୁ ପ୍ରାବନ୍ଧିକ ପାଠକ ପାଇଁ ଅତ୍ୟନ୍ତ ସରଳ ଭାଷାରେ ବର୍ଣ୍ଣନା କରିଯାଇଛନ୍ତି । କେବଳ ଭାଷା ପ୍ରୟୋଗ, ଆଦର୍ଶ ଓ ଆଭିମୁଖ୍ୟରେ ନୁହେଁ, ରମ୍ୟରଚନାର କଥାବସ୍ତୁରେ ମଧ୍ୟ ପ୍ରହରାଜ ଫକୀରମୋହନ ସେନାପତିଙ୍କ ଦ୍ୱାରା ବିପୁଳ ଭାବରେ ପ୍ରଭାବିତ ହୋଇଛନ୍ତି । ତାଙ୍କ ବାଇମହାନ୍ତି ପାଞ୍ଜିରେ ବାଇମହାନ୍ତି ର ସୃଷ୍ଟି ପ୍ରେରଣା ନିଃସନ୍ଦେହରେ ଫକୀରମୋହନଙ୍କ ନନାଙ୍କ ପାଞ୍ଜିର ବାଇମହାନ୍ତି । ଓଡିଆ ପ୍ରବନ୍ଧ ସାହିତ୍ୟର ଇତିହାସ-ପୃ.୪୪, ଯାହା ଉତ୍କଳ ସାହିତ୍ୟରେ 'ପଞ୍ଚୁଚନ୍ଦ୍ର ଧୀରେନ୍ଦ୍ର ମହାନ୍ତି' ଛଦ୍ମ ନାମରେ ଫକୀର ମୋହନ 'ନନାଙ୍କ ପାଞ୍ଜି'ରେ ପ୍ରକାଶ କରିଥିଲେ ।)

"ପ୍ରସିଦ୍ଧ ଆମେରିକାନ୍ ଲେଖକ ଅଲିଭର ଓ୍ୱେଣ୍ଡଲ ହୋମସ୍ (୧୮୦୯-୧୮୯୪)ଙ୍କ ଲିଖିତ "Autocrat of the Breakfast Table," The Professor of the Breakfast table and The poet at the Breakfast table ଗ୍ରନ୍ଥଦ୍ୱାରା ପ୍ରଭାବିତ ହୋଇ ପ୍ରହରାଜ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା', 'ବାଇମହାନ୍ତି ପାଞ୍ଜି', 'ନନାଙ୍କ ବସ୍ତାନି' ଓ 'ଆମ ଘରର ହାଲଚାଲ' ପ୍ରଭୃତି ରମ୍ୟରଚନା ଲେଖିଥିଲେ ସୁଦ୍ଧା ସେଥିରେ ତାଙ୍କର ମୌଳିକ ସୃଷ୍ଟି ପ୍ରତିଭା ସ୍ୱଷ୍ଟ ଓ ପ୍ରାଞ୍ଜଳ ।" (ସାହିତ୍ୟର ସୂଚୀପତ୍ର -୯୨) ସର୍ବୋପରି ଲେଖକଙ୍କର ବର୍ଣ୍ଣନାର ଚମତ୍କାରିତା, ଭାଷାର ସରଳତା, ଉପସ୍ଥାପନାରେ କୌତୁକ ପ୍ରିୟତା ଯୋଗୁଁ ରମ୍ୟରଚନାକାର ଶ୍ରୀଯୁକ୍ତ ପ୍ରହରାଜଙ୍କୁ ଓଡିଆ ଗଦ୍ୟ ସାହିତ୍ୟର ବିକାଶ କ୍ରମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି, ଏଥିରେ ସନ୍ଦେହ ନାହିଁ ।

## ୨.୬ ରମ୍ୟରଚନା ବାଇ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା) ର ମୂଳପାଠ

### ବିଜ୍ଞାପନ

ଆଜିକାଲି ଶିକ୍ଷିତମାନଙ୍କ ମଧ୍ୟରେ ପ୍ରତ୍ନତତ୍ତ୍ୱ ଗବେଷଣାର ବିଶେଷ ଚହଳ ପଡ଼ିଅଛି। ଶିକ୍ଷିତମାନେ କେଉଁ କାର୍ଯ୍ୟଭାର ବହନ କରି ଯୋଗ୍ୟତା ଦେଖାଉଛନ୍ତି, ତହିଁରେ ଆମ୍ଭମାନଙ୍କର ଅଯଥା ହସ୍ତକ୍ଷେପ କରିବା ଅନ୍ୟାୟ। ଆମ୍ଭେମାନେ ସେ ଶ୍ରେଣୀର ନୋହୁଁ କିମ୍ବା ତହିଁରେ ଗଣ୍ୟ ହେବାର ଆକାଂକ୍ଷା ବା ଆଶା ବା ଦୁରାଶା ଆମ୍ଭମାନଙ୍କର ନାହିଁ। ଅଧୁନାତନ ତତ୍ତ୍ୱଗବେଷଣା ନିମନ୍ତେ ଜଣେ ଉପଯୁକ୍ତ ଶିକ୍ଷିତ ଲୋକ ନ ମିଳିବାରୁ ସେଥି ନିମନ୍ତେ ଶ୍ରୀବାଇଧର ମହାନ୍ତି (ଡାକନାମ ବାଇ ମହାନ୍ତି)ଙ୍କୁ ମନୋନିତ କରିଅଛୁଁ। ତାଙ୍କର ପୁରୁଣାକାଳିଆ ମାଟିବଂଶ ଅବଧାନ ପାଠପଢ଼ା। ସେ ତାଳପତ୍ର ଛଡ଼ା କାଗଜ କଲମର କଡ଼ାଏ[୧] ଧାରନ୍ତି ନାହିଁ। ବାଇ ମହାନ୍ତି ଅବଶ୍ୟ ବାଳକ ବା ଯୁବକ ନୁହଁନ୍ତି, ତାଙ୍କ କହିବାର ପ୍ରକାଶ- 'ନ' ଅଙ୍କ'କୁ ତାଙ୍କ ବୟସ ୩୩ ବର୍ଷ ହୋଇଥିଲା ବୋଲି ଆମ୍ଭେମାନେ ହିସାବ କରି ଦେଖିଅଛୁଁ। ଆପଣମାନେ ମଧ୍ୟ ଗଣନା କରିବେ। ବାଇ ମହାନ୍ତି କୌଣସି ଚାକିରି ଚେଷ୍ଟାରେ ଅନେକ ସ୍ଥାନ ବୁଲି, ଅନେକ ଜମିଦାରଙ୍କୁ ଅନୁସରଣ କରି, ଅନେକ ହାକିମଙ୍କୁ ଶାଗ ମାଛ ଭେଟି ଦେଇ ଶେଷରେ ନିରସ୍ତ ହୋଇ ଦୈବଯୋଗେ ଆସି ଆମ୍ଭମାନଙ୍କୁ ଗ୍ରାମରେ ଉପସ୍ଥିତ। ଉଦ୍ଦେଶ୍ୟ ଥିଲା ଖଣ୍ଡିଏ ଚାଟଶାଳୀ କରିବାର; କିନ୍ତୁ ସୁପୋରିସ ଯୋଗାଡ଼ କରି ନ ପାରିବାରୁ ଓ ତଦବିର[୨] ଅଭାବରେ ଏଠାରେ ପାଠଶାଳାରେ ଆଉ ଜଣେ ମୁକରିର[୩] ହୋଇଗଲେ। ଆମ୍ଭେମାନେ ବାଇ ମହାନ୍ତିଙ୍କ ଦୁରବସ୍ଥା ଦେଖି ଚାନ୍ଦା କରି ତାଙ୍କୁ ଅଧୁନାତନ[୪] ତତ୍ତ୍ୱ- ସ୍ଥାନେ ସ୍ଥାନେ ବୁଲି ଯାହା ଦେଖିବେ, ତାହା ପାଞ୍ଜିରେ ଲେଖି ମାସକୁ ମାସ ଆମ୍ଭମାନଙ୍କ ନିକଟରେ କାଗଜ ଦାଖଲ କରିବେ ଓ ମାସକୁ ମାସ ତାଙ୍କ ଦରମାଗଣ୍ଡାକ ବୁଝିନେବେ। ଏଥିରେ 'ତ୍ରୁଟି' କଲେ ଉଚିତ୍ ଦଣ୍ଡ ପାଇବେ। କ୍ରମଶଃ ଦେଖୁଅଛୁଁ ଯେ, ବାଇ ମହାନ୍ତିଙ୍କ ଲେଖନ ଯେପରି ଗତିରେ ଚାଲୁଅଛି, ଅର୍ଥାତ ବର୍ଷକୁ ବର୍ଷ ପାଞ୍ଜିତକ ନ ପୋଡ଼ିଲେ ଆଉ ରଖିବାକୁ ସ୍ଥାନ ହେବ ନାହିଁ; କିନ୍ତୁ ତାହାହେଲେ ଆମ୍ଭମାନଙ୍କ ପ୍ରଦତ୍ତ ଦରମାତକ ଅକାରଣ[୫] ଯିବ। ଏ ବିଷୟରେ ଆମ୍ଭେମାନେ କର୍ତ୍ତବ୍ୟ ସ୍ଥିର କରି ନ ପାରି ବଡ଼ ଭାବିତ[୬] ଯିବ। ଦିନେ କାର୍ଯ୍ୟ ଉପଲକ୍ଷରେ ସହରକୁ ଆସିଥିଲୁଁ, ସେଠାରେ ଉତ୍କଳସାହିତ୍ୟ ପତ୍ରିକାର ସମ୍ପାଦକଙ୍କ ସଙ୍ଗେ ସାକ୍ଷାତ୍ ହେବାରୁ ସେ ଆମ୍ଭମାନଙ୍କର ବିଡ଼ାଏ ପାଞ୍ଜି ତନ୍ନ ତନ୍ନ କରି ଦେଖି ଆମ୍ଭମାନଙ୍କୁ ଉପଦେଶ ଦେଲେ ଯେ, ବାଇ ମହାନ୍ତିଙ୍କର ପୁରୁଣା ଧରଣର ଲେଖାକୁ ଓ ଭାଷାକୁ ଆଧୁନିକ ଲେଖାରେ ଓ ଭାଷାରେ ଲେଖିଦେଲେ ସେ ତାଙ୍କ ପତ୍ରିକାରେ ସମୟ ସମୟରେ ପୃଷ୍ଠାଏ ଦୁଇପୃଷ୍ଠା ସ୍ଥାନ ଦେଇପାରନ୍ତି। ଏହି ଉପଦେଶ ନିମନ୍ତେ ଆମ୍ଭେମାନେ ସମ୍ପାଦକ ନିକଟରେ ଋଣୀ।

ପାଠକମାନଙ୍କ କୌତୂହଳ ଚରିତାର୍ଥ କରିବା ନିମିତ୍ତ ବାଇ ମହାନ୍ତିଙ୍କ ଲେଖାର କିଞ୍ଚିତ ନମୁନା ଏଠାରେ ଦିଆଗଲା -

ୟାଦଦାସ୍ତ ଫିରସ୍ତ[୭] କାଗଜାତ୍[୮] । ବା, । ସନ ୧୩୦୮ ସାଲେ ମାସକବାର-

ସଦର ସିରସ୍ତା ବା୧ ପ ୫୦

ଜମା ଖର୍ଚ୍ଚ ପ ୧୩

ପିଠିକା ମଏ ଫିରସ୍ତ ପ ୩୭

ଏ ତ ଗଲା ପାଞ୍ଜି ଉପରେ ହେଡ଼ିଙ୍ଗ, ବର୍ତ୍ତମାନ ପ୍ରଥମ ପତ୍ରଟିର ଆରମ୍ଭ ଦେଖନ୍ତୁ –

– ।। ପ୍ର । କୋଦିଣ୍ଡା ଦଣ୍ଡପାଟ॰ ୧

ଅ ୨୪ ଅଙ୍କ ସ୍ନ॰ ୧୩୦୮ ସାଲେ କୁ

ୟାଦଦାସ୍ତ ଜମିଦାରଙ୍କ ଚାକରାନ ମାସକବାରକୁ

– ।। କି । ତା । ହରିପୁର । ମୌ । ନୂଆପାଡ଼ା ଶ୍ରୀ ଶ୍ରୀ । ଜ ।। ଚ । ରାମଚନ୍ଦ୍ର ସାନ୍ତରା ମହାପାତ୍ରଙ୍କ ଓଗ୍ର । ତହ ବାଇ ମହାନ୍ତି ।

ବାଇ ମହାନ୍ତି ପାଞ୍ଜିର ଅବିକଳ ଅନୁବାଦ ଦେଲେ ଆପଣମାନେ ଆମ୍ଭମାନଙ୍କ ଉପରେ ବିରକ୍ତ ହେବେ । ଏହି ସଦର୍ ସିରସ୍ତାର ପ୍ରଥମ ପତ୍ରର ୨ ସ୍ତମ୍ଭର ମର୍ମ ଏହି –

ବାଇ ମହାନ୍ତି ଦିନେ ଗସ୍ତରେ ପ୍ରଗନ୍ନେ କୋଦିଣ୍ଡା, କିସମତ ତାଲୁକେ ହରିପୁର, ମୌଜେ ନୂଆପଡ଼ାକୁ ଯାଇଥିଲେ । ସେଠାରେ ଶ୍ରୀ ଶ୍ରୀ ଶ୍ରୀ ଜମିଦାର ଚଉଧୁରୀ ରାମଚନ୍ଦ୍ର ସାମନ୍ତରାୟଙ୍କର ଗୃହର ଚାକରମାନଙ୍କ ବିବରଣ ଏହି ପତ୍ରରେ ଟିପି ଆଣିଛନ୍ତି । ବାଇ ମହାନ୍ତିଙ୍କ ପାଞ୍ଜିକୁ ସମସ୍ତ ବିଷୟ ଅବିକଳ ଉଦ୍ଧାର କରି ଲେଖିଲେ ସେଥିପାଇଁ ସାହିତ୍ୟରେ ସ୍ଥାନ ନାହିଁ, ସ୍ଥାନ ଥିଲେ ମଧ ତାହା ପାଇବାର ଆଶା ଅତି ଅଳ୍ପ ଅତଏବ ବାଛିବାଛି ତହିଁର କେତେକ ପତ୍ରର ଭାବ ସର୍ବସାଧାରଣରେ ପ୍ରକାଶ କରିବୁଁ ।

**ଦେଶୀୟ ଆଭରଣ ଉପକାରିତା :**

ଜଣେ କଥା ପ୍ରସଙ୍ଗରେ କହିଲେ ଯେ, ଆମ୍ଭମାନଙ୍କ ସ୍ତ୍ରୀମାନେ ଓ ବାଳକ ବାଳିକାମାନେ ଯେଉଁ ଅଳଙ୍କାର ବ୍ୟବହାର କରନ୍ତି, ତହିଁରେ ସ୍ୱାସ୍ଥ୍ୟର ସମ୍ପର୍କ ଅଛି ଓ ଅନ୍ୟାନ୍ୟ କେତେକ ଉପକାର ଅଛି । ଯଥା –

କାନ ଫୋଡ଼ାରେ – ଅନ୍ତକୋଷ ରୋଗର ପ୍ରତିକାର

ନାକ ଫୋଡ଼ାରେ – ସ୍ୱରର ଅନୁନାସିକ ମାଧୁରୀ ବୃଦ୍ଧି ।

ଅନନ୍ତବ୍ରତ ଧାରଣାରେ – ପ୍ଲୀହାବୃଦ୍ଧିର ପ୍ରତିରୋଧ ।

ଅଣ୍ଟାସୂତାରେ – ବାତରୋଗ ଦୂରୀକରଣ ।

ଗୋଡ଼ରେ ୧ ବିଶା ଖଡୁଦ୍ୱାରା ନିୟମିତ ପଦଚାଳନା ।

(ପ୍ରଶ୍ନ- ଗଉଡୁଣୀ, କୁମ୍ଭାରୁଣୀ ଇତ୍ୟାଦିଙ୍କର ୫ ସେରିଆ ପିତଳ ଖଡୁଦ୍ୱାରା ? ଉତ୍ତର- ଦୁଷ୍ଟସ୍ୱାମୀ ଦମନ ।)

ଉପରି ଲାଭ

ଅବଧାନଙ୍କର- ଚାଟଙ୍କ ବାପ- ମାଆଙ୍କଠାରୁ ଗାଳି ମନ୍ଦ।

ସମ୍ପାଦକଙ୍କର- ଅପବାଦ ଦଫାରେ ମକଦ୍ଦମା।

ଅଳ୍ପବୟସ୍କ ସ୍କୁଲ ଛାତ୍ରଙ୍କର- ଅଜୀର୍ଣ୍ଣ ଓ ଚଷମା।

ବାପାଙ୍କର- ପିଲା ବଡ଼ ହେଲେ ବାପାଙ୍କଠାରୁ ପୃଥକ ନ ହେବା।

ଘରୋଇ ଚାକରଙ୍କର- କେତେବେଳେ କାନମୋଡ଼ା, କେତେବେଳେ ଚାପୁଡ଼ା ଓ ଦିନ ଦୁଇପହରେ ଗଳାଧକ୍‌କା।

ଫଉଜଦାରିରେ ଫରିଆଦ- ୨୧୧ ଦଫା

ସାକ୍ଷୀର- ଊଆରଣ୍ଟ।

ଜମିଦାରଙ୍କ- ସରକାରୀ ହାକିମଠାରୁ ଧକ୍‌କା ଓ ଧମକ।

ପୂଜାହାରୀଙ୍କର- ବାଈ ଓ ଠାକୁରାଣୀଙ୍କ ଭୋଜନାନ୍ତେ ଦିନେ ଦିନେ ତରକାରୀ ଅଭାବରେ ଉପବାସ।

ମୁଦ୍ରାଯନ୍ତ୍ରାଧ୍ୟକ୍ଷଙ୍କର- ଅଶ୍ଳୀଳ ପୁସ୍ତକ ପ୍ରକାଶାର୍ଥ ମକଦ୍ଦମା।

କୋଇଲାଖଣିର କୁଲିଙ୍କର- ଶ୍ୱାସରୋଗ ଓ ଖଣିରେ ଅପମୃତ୍ୟୁ।

ବାତଜ୍ୱର ରୋଗୀର- ଅଫିମ ଅଭ୍ୟାସ।

ଜମିଦାରଙ୍କ ଘର ବେଠିଆଙ୍କର- ଧକ୍କା ଓ ଅବୈବାହିତ ହିନ୍ଦୀ ସମ୍ବନ୍ଧ।

**ମାନ୍ୟଗଣ୍ୟ ହେବାର ଉପାୟ :**

(୧) ବିବେକକୁ ବିଲାତି ତାସ ପରି ଚାଳନ କରିବ।

(୨) ଟଙ୍କାରୁ ହୃଦୟର ଈଶ୍ୱର ବୋଲି ମାନିବ।

(୩) ଭିତରେ ଏକ ବାହାର ଏକ କଥା ଦେଖାଇବ।

(୪) ପ୍ରତିଶ୍ରୁତି ହେବାକୁ କ୍ଷଣେ ବିଳମ୍ବ ନ କରିବ; କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଇଚ୍ଛାନୁଯାୟୀ କାର୍ଯ୍ୟ କରିବ।

(୫) ବାହାରେ 'ସୁଖ୍ୟାତି ଓ ଖୋସାମତ'କୁ ଘୃଣା କରିବ; ଅସଲ ଭିତର କଥା କେହି ନ ଜାଣନ୍ତୁ।

(୬) ବାହାରେ ଦେବତା ଅବତାର ବୋଲି ଦେଖାଇବ ; କିନ୍ତୁ ହୃଦୟରେ ନରକ ପ୍ରତିଷ୍ଠା କରିଥାଅ; କ୍ଷତି ନାହିଁ।

(୭) ଯେଉଁ କାର୍ଯ୍ୟ କଲେ ନାମ ହେବ ଓ ଗେଜେଟରେ ନାଆଁ ଉଠିବ, ତହିଁରେ ସର୍ବ ପ୍ରଥମ ଯୋଗ ଦେବ।

(୮) ଦିବାରାତ୍ର ଉଚ୍ଚପଦସ୍ଥଙ୍କ ଚରଣ ଓ ଅନ୍ୟାନ୍ୟ ଅଙ୍ଗମାନ ଖଞ୍ଜାଖଞ୍ଜି ଉଣ୍ଡି ମର୍ଦ୍ଦନ କରିବ।

(୯) ନୀଚପଦସ୍ଥଙ୍କୁ ତ୍ରୁଟି ଧରି ସର୍ବଦା ପଦାଘାତ କରିବ।

**ଉତ୍କଳ ସାହିତ୍ୟ / ପଞ୍ଚମ ଭାଗ / ୧୧ ଶ ସଂଖ୍ୟା / ଫାଲ୍‌ଗୁନ - ୧୩୦୯ ସାଲ**

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) ବାଈ ମହାନ୍ତି ପାଞ୍ଜି ରମ୍ୟରଚନାର ବୈଶିଷ୍ଟ୍ୟ ନିର୍ଣ୍ଣୟ କର ।

(ଖ) ବାଇ ମହାନ୍ତି ପାଞ୍ଜିରୁ ଲେଖକୀୟ ଆଭିମୁଖ୍ୟ ବିଚାର କର ।

(ଗ) ଓଡିଆ ରମ୍ୟରଚନା ସାହିତ୍ୟରେ ବାଇ ମହାନ୍ତି ପାଞ୍ଜିର ସ୍ଥାନ ନିରୂପଣ କର ।

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ବାଇ ମହାନ୍ତିଙ୍କ ପ୍ରକୃତ ନାମ କ'ଣ ?

(ଖ) ବାଇ ମହାନ୍ତି କେଉଁ ଜମିଦାରଙ୍କ ଗୃହର ଚାକରମାନଙ୍କ ବିବରଣ ପତ୍ରରେ ଟିପି ଆଣିଥିଲେ ।

(ଗ) ଦେଶୀୟ ଆଭରଣର ଉପକାରିତାର ବର୍ଣ୍ଣନାନୁଯାୟୀ କେଉଁଥିରେ ବାତରୋଗ ଦୂରୀକରଣର କଥା କୁହାଯାଇଛି ?

(ଘ) ପ୍ରାବନ୍ଧିକ ମାନ୍ୟଗନ୍ୟ ହେବାର ଉପାୟରେ କାହାର ତ୍ରୁଟି ଧରି ସର୍ବଦା ପଦାଘାତ କରିବା କଥା ଉଲ୍ଲେଖ କରିଛନ୍ତି

## ୨.୮ ସହାୟକ ଗ୍ରନ୍ଥସୂଚୀ


- ଦାଶ ଗୌରାଙ୍ଗ ଚରଣ - (ସଂ) ପ୍ରହରାଜ ଗ୍ରନ୍ଥାବଳୀ, ରମ୍ୟରଚନା ୧ମ ଖଣ୍ଡ, ବିଦ୍ୟାପୁରୀ,କଟକ, ପ୍ରଥମ ପ୍ରକାଶ-୨୦୦୫ ।
- ମିଶ୍ର ଶ୍ରୀନିବାସ-ଆଧୁନିକ ଓଡିଆ ଗଦ୍ୟ ସାହିତ୍ୟ,- ବିଦ୍ୟାପୁରୀ, କଟକ, ୨ୟ ସଂସ୍କରଣ -୧୯୯୫ ।
- ସାହୁ ମହାପାତ୍ର ନୀଳମଣି- ଆମ କଥା-ସାହିତ୍ୟର କଥା ଓ ରମ୍ୟରଚନା, ଓଡିଶା ବୁକ୍ ଷ୍ଟୋର, କଟକ ୧ମ ପ୍ରକାଶ-୧୯୮୫ ।

# ତୃତୀୟ ଏକକ : ବଟୁଆ - ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

**ବିଷୟର ଗଠନ :**

୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପ୍ରବେଶ

୩.୪ ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

୩.୫ ରମ୍ୟରଚନା ବଟୁଆର ଆଲୋଚନା

୩.୬ ରମ୍ୟରଚନା 'ବଟୁଆ'ର ମୂଳପାଠ

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୮ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ବିଭାଗ ହେଉଛି ପ୍ରବନ୍ଧ । ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସରେ ଉଭୟ ବସ୍ତୁନିଷ୍ଠ ଓ ବ୍ୟକ୍ତିନିଷ୍ଠ ପ୍ରବନ୍ଧ ରଚନା କରି ବହୁ ଯଶସ୍ୱୀ ଲେଖକ ଏ ବିଭାଗକୁ ସମୃଦ୍ଧ କରିଛନ୍ତି । ସମଗ୍ର ବିଶ୍ୱରେ ବ୍ୟକ୍ତିନିଷ୍ଠ ପ୍ରବନ୍ଧ ରଚନା କରିବାରେ ବହୁ ଲେଖକ ଆଗଭର ହୋଇ ବୌଦ୍ଧିକ ଋତୁର୍ଯ୍ୟକୁ ଲଘୁଶୈଳୀରେ ଉପସ୍ଥାପନା କରିବାରେ ସମର୍ଥ ହୋଇ ପାରିଛନ୍ତି । ଓଡ଼ିଆ ରମ୍ୟରଚନାର ଲେଖକ ଭାବରେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ହେଉଛନ୍ତି ଜଣେ ସଫଳ ସ୍ରଷ୍ଟା । ସେ ଥିଲେ ଜଣେ ସ୍ୱାଧୀନଚେତା ତଥା ନିର୍ଭୀକ ବ୍ୟକ୍ତି । ସେ ହାସ୍ୟ ବ୍ୟଙ୍ଗ ମାଧ୍ୟମରେ ସମାଜରୁ କୁ-ସଂସ୍କାର, ଅନ୍ଧ-ବିଶ୍ୱାସ, ବ୍ୟଭିଚାର, ଶୋଷଣ, ଅନ୍ୟାୟ, ଅନୀତିକୁ ଦୂର କରିବା ପାଇଁ ଲେଖନୀ ଚାଳନା କରିଛନ୍ତି । ସେ ଥିଲେ ମଧ୍ୟ ଜଣେ ସଂସ୍କୃତିର ମୁଗ୍ଧ ଉପାସକ । ତାଙ୍କ ଭଳି ଜଣେ ବିଶିଷ୍ଟ ସାରସ୍ୱତ ସାଧକଙ୍କ ଗଦ୍ୟଶୈଳୀ ତଥା ତାଙ୍କ ରମ୍ୟରଚନାର ଆଭିମୁଖ୍ୟ ସଂପର୍କରେ ବିଦ୍ୟାର୍ଥୀଗଣ ଏହି ଏକକରେ ଜ୍ଞାନ ଆହରଣ କରି ପାରିବେ ।

## ୩.୨ ଶିକ୍ଷଣୀୟ ବିଷୟ

ବିଦ୍ୟାର୍ଥୀଗଣ ଏହି ଏକକରେ ନିମ୍ନ ବିଷୟରେ ଜାଣି ପାରିବେ ।

- ଓଡ଼ିଆ ସାହିତ୍ୟର ଯଶସ୍ୱୀ ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ଗଦ୍ୟଶୈଳୀ ଓ ପ୍ରବନ୍ଧର ଆଭିମୁଖ୍ୟ।
- ଓଡ଼ିଆ ରମ୍ୟରଚନାରେ ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ସ୍ଥାନ ।
- ଓଡ଼ିଆ ରମ୍ୟରଚନାରେ ହାସ୍ୟ ଓ ବ୍ୟଙ୍ଗର ପ୍ରୟୋଗ ।

## ୩.୩ ବିଷୟ ପ୍ରବେଶ

ଓଡ଼ିଆ ପ୍ରବନ୍ଧର ସାହିତ୍ୟର ଇତିହାସରେ ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଜଣେ ଅସାମାନ୍ୟ ପ୍ରତିଭାଶାଳୀ ଗଦ୍ୟଶିଳ୍ପୀ । ତାଙ୍କ ରଚିତ  ଏକ ସଫଳ ରମ୍ୟରଚନା ହେଉଛି 'ବଟୁଆ' । ତାଙ୍କର ସଂସ୍କାରଧର୍ମୀ ଜାତୀୟ ଜାଗରଣ ମୂଳକ ମନ୍ମୟ ପ୍ରବନ୍ଧ ପାଠକ ମହଲରେ ବେଶ୍ ଆଦୃତି ଲାଭ କରିପାରିଛି । ସେ ଅଧୁନା ସମୟରେ ସଂସ୍କୃତି, ସ୍ୱାଭିମାନ ବିମୁଖ ଓଡ଼ିଆଙ୍କୁ ଆମ ଅତୀତର ମହାନ ସଂସ୍କୃତି ତଥା ଜୀବନବୋଧ ସଂପର୍କରେ 'ବଟୁଆ' ରମ୍ୟରଚନା ମାଧ୍ୟମରେ ଅବଗତ କରାଇ ସଚେତନ କରାଇଛନ୍ତି । ତାଙ୍କ ରଚିତ 'କଖାରୁ ଫୁଲ' ମଧ୍ୟ ଏକ ଉଚ୍ଚକୋଟୀର ରମ୍ୟରଚନା । ଏଠାରେ ପ୍ରାବନ୍ଧିକଙ୍କ 'ବଟୁଆ' ରମ୍ୟରଚନାର ସାର୍ଥକତା ପ୍ରତିପାଦନ କରାଯିବା ସହିତ ଗଦ୍ୟଶିଳ୍ପୀ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ରଚନା ସମ୍ଭାର ସଂପର୍କରେ ଆଲୋଚନା କରାଯାଇଛି

## ୩.୪ ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଓଡିଆ ରମ୍ୟରଚନାର ଅସାମାନ୍ୟ ପ୍ରତିଭାଧାରୀ ଗଦ୍ୟଶିଳ୍ପୀ ହେଉଛନ୍ତି ଗୋବିନ୍ଦଚନ୍ଦ୍ର ତ୍ରିପାଠୀ । ୧୯୦୯ ମସିହା ମଇ ମାସ ତିନି ତାରିଖରେ ପୁରୀ ଜିଲ୍ଲାର ତଡାସ ରାମହଂସପୁର ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା  । ତାଙ୍କ ପିତାଙ୍କ ନାମ ହେଉଛି -ବଳଭଦ୍ର ମିଶ୍ର ଓ ମାତା ହେଉଛନ୍ତି ସାବିତ୍ରୀ ଦେବୀ । ବାଲ୍ୟକାଳରେ ତାଙ୍କର ମାତୃ ବିୟୋଗ ଘଟିଥିଲା । ସେ ଥିଲେ ପିତାଙ୍କର ସପ୍ତମ ସନ୍ତାନ । ସେ ପୋଷ୍ୟପୁତ୍ର ହୋଇଯାଇଥିଲେ ରାମଚନ୍ଦ୍ରପୁରର ହରିହର ତ୍ରିପାଠୀଙ୍କ ଠାରେ  । ତେଣୁକରି ତାଙ୍କ ନାମ ଗୋବିନ୍ଦ ଚନ୍ଦ୍ର ମିଶ୍ରରୁ ହେଲା ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ । ସେ ଜଣେ ମେଧାବୀ ଛାତ୍ର ଥିଲେ । ବି.ଏ. ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବିଶ୍ୱବିଦ୍ୟାଳୟ ଦ୍ୱାରା କୃତୀ ଛାତ୍ର ରୂପେ ସେ ସମୟରେ ସମ୍ମାନିତ ହୋଇଥିଲେ । ସେ ବି.ଏ. ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ୧୯୨୨ ମସିହାରେ 'ସହକାର' ପତ୍ରିକାରେ ତାଙ୍କର ପ୍ରଥମ ପ୍ରବନ୍ଧ 'ସ୍ୱର୍ଣ୍ଣ ଓ ରୌପ୍ୟମୁଦ୍ରା' ପ୍ରକାଶ ପାଇଥିଲା । ସେ ଇଂରାଜୀ ବିଷୟରେ ପାଟନା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ଖୋର୍ଦ୍ଧାରେ ଥିବା ସମୟରେ 'ଖାରବେଳ' ନାମକ ଏକ ଐତିହାସିକ ନାଟକ କରିଥିଲେ । ସେ ଉପନ୍ୟାସ, ନାଟକ, ରଚନା କରିଥିଲେ ମଧ୍ୟ ଓଡିଆ ସାହିତ୍ୟରେ ବିଶେଷ କରି ପ୍ରାବନ୍ଧିକ ଭାବରେ ଅଧିକ ପ୍ରସିଦ୍ଧି ଲାଭ କରିଛନ୍ତି ।

ପ୍ରାବନ୍ଧିକ ଶ୍ରୀଯୁକ୍ତ ତ୍ରିପାଠୀଙ୍କ ପ୍ରବନ୍ଧ ସଂପର୍କରେ ଆଲୋଚକ ଡଃ ବାଉରୀବନ୍ଧୁ  କର ମତ ପ୍ରକାଶ କରନ୍ତି - "ପ୍ରାବନ୍ଧିକ ଗୋବିନ୍ଦ ତ୍ରିପାଠୀଙ୍କ ବିପୁଳ ସୃଷ୍ଟି ସମ୍ଭାରରେ ଜାତୀୟ ଆଦର୍ଶ ଓ ପରଂପରା ଓ ସଂସ୍କୃତିର ପ୍ରବକ୍ତା ରୂପେ ଉଭା ହୋଇଛନ୍ତି । ଜାତୀୟ ଜୀବନର ଦୁଷ୍କୃତି ତଥା ପାଶ୍ଚାତ୍ୟାଭିମୁଖୀ ଭାବଧାରାକୁ ସେ ବ୍ୟଙ୍ଗ, ବିଦ୍ରୂପ ଓ ତୀକ୍ଷ୍ଣ ନିରାବରଣ ସମାଲୋଚନାରେ କ୍ଷତବିକ୍ଷତ କରିଛନ୍ତି । ଉନ୍ମାର୍ଗଗାମୀ, ପଥଭ୍ରଷ୍ଟ ମାନବର ସାମାଜିକ ଜୀବନଧାରାକୁ ସେ ନିର୍ଭୀକ ଭାବରେ ଆଘାତ କରିଛନ୍ତି । ଜାତୀୟ ପ୍ରୀତି ଓ ପରଂପରାର ସୁରକ୍ଷା ପାଇଁ ସେ ଜୀବନବ୍ୟାପୀ ସାଧନା କରିଛନ୍ତି । ସତ୍ୟ ପାଇଁ ସେ ଥିଲେ ସତତ ସଚେତନ । ବାସ୍ତବ ଜୀବନ ପ୍ରତି ତାଙ୍କର ଥିଲା ଅହେତୁକ ମମତା । ପୁଣି ଜାତି ପ୍ରତି ଅତ୍ୟଧିକ ମୋହ, ସ୍ୱାଧୀନ ଚିନ୍ତାଧାରା ପ୍ରତି ପ୍ରଗାଢ ଅନୁରାଗ ଓ ଅନୁଭୂତିର ଗଭୀର ଆତ୍ମସ୍ପର୍ଶରେ ତାଙ୍କର ପ୍ରବନ୍ଧଗୁଡିକ ଚିରଭାସ୍ୱର ।" (ଓଡିଆ ପ୍ରବନ୍ଧ ସାହିତ୍ୟ, ପୃ.୧୫୮)

ପ୍ରାବନ୍ଧିକ ଶ୍ରୀଯୁକ୍ତ ତ୍ରିପାଠୀଙ୍କ ସମୁଦାୟ ପ୍ରବନ୍ଧଗୁଡିକୁ ତିନି ଭାଗରେ ବିଭକ୍ତ କରାଯାଇପାରେ ଯଥା :

(କ) ସଂସ୍କାରଧର୍ମୀ ଜାତୀୟ ଜାଗରଣ ମୂଳକ ମନ୍ମୟ ପ୍ରବନ୍ଧ, (ଖ) ଆନ୍ତର୍ଜାତୀୟ ଚିନ୍ତା ଚେନତା ଦ୍ୟୋତକ ଆଧୁନିକ ସଭ୍ୟତା ବିଷୟ ଭିତ୍ତିକ ମନ୍ମୟ ପ୍ରବନ୍ଧ ଓ (ଗ) ଆର୍ଥନୀତିକ ପ୍ରଗତିମୂଳକ ପ୍ରବନ୍ଧ ।

(କ) ସଂସ୍କାରଧର୍ମୀ ଜାତୀୟ ଜାଗରଣ ମୂଳକ ମନ୍ମୟ ପ୍ରବନ୍ଧ ଗୁଡିକ ମଧ୍ୟରେ 'ଆମ୍ବ', 'କଦଳୀ,' 'କଖାରୁଫୁଲ', 'ଆକାଶ କଇଁଆ', 'ଅଦା ବେପାର', 'ବୋମା', 'ଛେନାଗୁଡ', 'ଦାଢ଼ି, 'ଗୋପବନ୍ଧୁଙ୍କ ଶ୍ରାଦ୍ଧ', 'ବଟୁଆ' ଆଦି ପ୍ରଧାନ ।

(ଖ) ଆନ୍ତର୍ଜାତୀୟ ଚିନ୍ତା ଚେତନା ଦ୍ୟୋତକ ଆଧୁନିକ ସଭ୍ୟତା ବିଷୟ ଭିତ୍ତିକ ମନ୍ମୟ ପ୍ରବନ୍ଧ ମଧ୍ୟରେ 'ଧରମ ଧରମ' ଅନ୍ୟତମ ।

(ଗ) ଆର୍ଥନୀତିକ ପ୍ରଗତିମୂଳକ ପ୍ରବନ୍ଧଗୁଡିକର ମଧ୍ୟରେ 'ରେଲବାଇ ଓ ଭାରତ ସରକାର', 'ସ୍ୱର୍ଣ୍ଣ ଓ ରୌପ୍ୟମୁଦ୍ରା', 'ସରକାରଙ୍କର ଘର ଖର୍ଚ୍ଚ' ଇତ୍ୟାଦି ଅନ୍ୟତମ ।

ସେ ପ୍ରବନ୍ଧ ବ୍ୟତୀତ 'ପ୍ରମାଦ', 'ପତିତର ଆତ୍ମକଥା' ଓ 'ମାୟାବୀ' ନାମକ ତିନୋଟି ସାମାଜିକ ଉପନ୍ୟାସ, 'ଚତୁର ଗଦାଧର' ଓ 'ଗୁଇନ୍ଦା ଗଦାଧର' ନାମକ ଦୁଇଟି ଗୁଇନ୍ଦା ଉପନ୍ୟାସର ସ୍ରଷ୍ଟା । ସେ କଥାକାର ଫକୀରମୋହନ ସେନାପତିଙ୍କ 'ମାମୁଁ' ଉପନ୍ୟାସକୁ ନାଟ୍ୟରୂପ ପ୍ରଦାନ କରିଥିଲେ । ଏହା ବ୍ୟତୀତ 'ରଘୁ ଅରକ୍ଷିତ', 'ସୁଦାମା',ଓ 'ବିଲ୍ୱ ମଙ୍ଗଳ' ନାମକ ତିନୋଟି ନାଟକ ମଧ୍ୟ ରଚନା କରିଥିଲେ । ଏଇଭଳି ବିଶିଷ୍ଟ ସାରସ୍ୱତ ସାଧକଙ୍କ ତିରୋଧାନ ଘଟିଥିଲା ୧୯୭୨ ମସିହା ନଭେମ୍ବର ନଅ ତାରିଖରେ ।

## ୩.୫ ରମ୍ୟରଚନା 'ବଟୁଆ'ର ଆଲୋଚନା

ପ୍ରାବନ୍ଧିକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ରଚିତ ବଟୁଆ ଓଡିଆ ସାହିତ୍ୟର ଏକ ଉଚ୍ଚକୋଟୀର ରମ୍ୟରଚନା। ବିଶେଷକରି ପ୍ରାବନ୍ଧିକ 'ବଟୁଆ'ର ଲେଖକ ରୂପେ ଜନପ୍ରିୟ ସାରସ୍ୱତ ସାଧକ । ପ୍ରାବନ୍ଧିକ ଲଳିତ ନିବନ୍ଧରେ ଜାତୀୟ ସଂସ୍କୃତିକୁ ଗୁରୁତ୍ୱାରୋପ କରଛନ୍ତି । ନିଜସ୍ୱକୁ ଜଳାଞ୍ଜଳି ଦେବାର ଅର୍ଥ ହେଉଛି ଆତ୍ମଘାତୀ ହେବା । ଗୋଟିଏ ଜାତି ତାର ନିଜସ୍ୱକୁ ନେଇ ଗର୍ବ କରିବା କଥା, ଜାତିଟି ବଡ ହୁଏ ତାର ନିଜସ୍ୱକୁ ସମ୍ମାନ ଜଣାଇ । ବଟୁଆ ଓଡିଶାର ଐତିହ୍ୟ ଓ ପରଂପରାର ପ୍ରତୀକ । ବଟୁଆ ମଧ୍ୟରେ ଓଡିଶାର ଗର୍ବ ଓ ଗୌରବ ଆଜି ଆଉ ନାହିଁ। ଆଧୁନିକ ନବ୍ୟ ସଭ୍ୟ ଯୁବ ସମାଜ ବଟୁଆ ସଂସ୍କୃତିକୁ ଉପେକ୍ଷା କରି ପରାନୁସରଣ କରୁଥିବାରୁ ପ୍ରାବନ୍ଧିକ କ୍ଷୋଭ ପ୍ରକାଶ କରିଛନ୍ତି । ବଟୁଆ ହେଉଛି ଓଡିଆମିର ଚିହ୍ନ । ଅତୀତରେ ଓଡିଆଙ୍କ ଅତ୍ୟନ୍ତ ପ୍ରିୟ ବସ୍ତୁ ଥିଲା ବଟୁଆ ।

ଓଡିଆଙ୍କ ଚିର ସହଚର ଥିଲା ବଟୁଆ । ଓଡିଆ ପୁଅ ଯୁଆଡେ ଗଲେ ସଙ୍ଗରେ ଘେନିଯାଉଥିଲା ବଟୁଆ। ବଟୁଆ ସଂପର୍କରେ ପ୍ରାବନ୍ଧିକ ମତବ୍ୟକ୍ତ କରିଛନ୍ତି – " ଖଣ୍ଡିଏ ଗାମୁଛା, ଦି'ଖଣ୍ଡ ଗନ୍ତା, ଖଣ୍ଡେ ପିଉଳ, ଖଣ୍ଡେ ଢାଳ ଏ ସବୁର ଗୋଟିଏ ଗଣ୍ଠିଲି ବା କୋଥଳି କାନ୍ଧରେ, ଥାକୁଳ ଥୁକୁଳ ବଟୁଆ ଅଣ୍ଟାରେ, ହାତରେ

ଖଣ୍ଡିଏ ବାଡ଼ି, ମୁଣ୍ଡରେ ଖଣ୍ଡିଏ ଠେକା, ପାଦରେ ହଳିଏ ନାଗରା ଯୋତା, ବେଶ ଓଡ଼ିଆ ଏତିକିରେ ଋଲିଲେ ପାଇସା ଅର୍ଜନ କରି, ଘର ପଇସା ଦେଶ ପଇସା ଅର୍ଜନ କରିବା ପାଇଁ ନୁହେଁ - ବିଦେଶ ପଇସା ଦେଶକୁ ଆଣିବା ପାଇଁ । ଏଇମାନେ ହେଲେ 'ବଟୁଆ' ତାଙ୍କ ବଟୁଆ ଖଣ୍ଡି ଥିଲା, ତାଙ୍କର ସମ୍ପତ୍ତି ।, ତାଙ୍କ ଓଡ଼ିଆମିର ଗୌରବ; ତାଙ୍କ ଅର୍ଜନର ଉପାୟ । ସେମାନେ ସାତ ସମୁଦ୍ର, ତେର ନଈ ପରଶ ପାହାଡ଼. ଶହ ଶହ ଜଙ୍ଗଲ ପାର ହୋଇ ଯାଉଥିଲେ ସେହି ବଟୁଆଟି ଆଉ ସେହି ଠେଙ୍ଗାଟିର ଜୋର୍‌ରେ ।  ଏହି ବଟୁଆଗୁଡ଼ାକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଆଣୁଥିଲେ । ଏହି ବଟୁଆଙ୍କ ଧନରେ ଆଜାକଲିର କେତେ ଓଡ଼ିଆ ବାଲୁ ବଡ଼ଲୋକ ; ଏହି ବଟୁଆ ବଂଶ ଆଜି ସରକାରୀ ଉଚ୍ଚ ପାହିଆ କାମ ଠାରୁ ଆରମ୍ଭ କରି ବେସରକାରୀ ଉଚ୍ଚ ପାହିଆ କାମ ପର୍ଯ୍ୟନ୍ତ କରି ବସିଛନ୍ତି ।"

ପ୍ରାବନ୍ଧିକ ଶ୍ରୀଯୁକ୍ତ ତ୍ରିପାଠୀ ହେଉଛନ୍ତି ଜାତୀୟ ଆଦର୍ଶ, ପରମ୍ପରା ଓ ସଂସ୍କୃତିର ପ୍ରବକ୍ତା । ବଟୁଆ ହେଉଛି ଏକ ସାର୍ଥକ ଜାତୀୟବାଦୀ ପ୍ରାବନ୍ଧ । ତେଣୁକରି ପ୍ରାବନ୍ଧିକ ପ୍ରବନ୍ଧରେ ମତ ପ୍ରକାଶ କରି କହିଛନ୍ତି - " ବଟୁଆ ଓଡ଼ିୟାମିର ଗୋଟିଏ ଚିହ୍ନ - ଓଡିଆମାନେ ଖାଣ୍ଟି ଓଡିଆମି, ବଙ୍ଗୋଡିଆ ବା ବିହାରୋଡିଆ ବା ତୈଲଙ୍ଗୋଡିଆ ଏ ଚିହ୍ନଟାକୁ ଜାତି ଚିହ୍ନ ବୋଲି ମାନିବାକୁ ରାଜି ନୁହନ୍ତି । କଲିକତିଆ ବଙ୍ଗାଲି ସମାଜରେ ବଟୁଆ ସେମିତି ଗୋଟାଏ ଛିଗୁଲିଆ କଥା, ଆମ ବଙ୍ଗୋଡିଆଙ୍କ ଆଖିରେ ମଧ ସେଇମିତି ପାଠୁଆ ଓଡିଆଙ୍କ ନାକକୁ ବଟୁଆର ଗନ୍ଧଟା ଦି' କୋଶ ଦୂରରୁ ଗନ୍ଧାଏ, ବଟୁଆଟିଏ ଦେଖିଦେଲେ ତାଙ୍କ ଆଖିରେ ଶୁଖୁଆ କଣ୍ଟା ଗଳିଯାଏ । ଏଥିରୁ ପ୍ରାବନ୍ଧିକଙ୍କ ଜାତୀୟତା ଭାବ ପ୍ରକଟିତ ହୁଏ ।

ପ୍ରାବନ୍ଧିକ ରମ୍ୟରଚନରେ ରଚନାକୁ ଅଧିକ ରମଣୀୟ ତଥା ରସୋତ୍ତୀର୍ଣ୍ଣ କରିବା ପାଇଁ ସ୍ଥଳବିଶେଷରେ କେତେକ ପ୍ରବଚନ ଓ ଢଗଢମାଳିର ବ୍ୟବହାର କରିଛନ୍ତି । ସେଗୁଡିକର କେତୋଟି ଉଦାହରଣ ନିମ୍ନରେ ପ୍ରଦାନ କରାଗଲା -

(କ) ଯାହା ପଢାଉଛି ଜଟାଧାରୀରେ ବରାଙ୍ଗୀ ।

(ଖ) ପାଗ ବାନ୍ଧୁବାନ୍ଧୁ କଚେରୀ ବରଖାସ୍ତ ।

(ଗ) ଷାଠିଏ ମହଣଘିଅ ଆଉ ରାଧାଙ୍କ ନାଚ ।

ଲେଖକଙ୍କ ଗଦ୍ୟଶୈଳୀ ରଚନାର ଏକ ବିଶେଷତ୍ୱ ହେଉଛି ଆତ୍ମକଥନ ଶୈଳୀ । ପ୍ରାବନ୍ଧିକ ରମ୍ୟରଚନାକୁ ଅଧିକ ହୃଦୟଗ୍ରାସୀ ଓ ହାସ୍ୟରସ ସୃଷ୍ଟି କରି ପ୍ରାଣବନ୍ତ କରିବା ପାଇଁ ଏଇ ଅନନ୍ୟ ଶୈଳୀର ଆଶ୍ରୟ ନେଇଛନ୍ତି । ପ୍ରାବନ୍ଧିକଙ୍କ ଭାଷାରେ-ଆଉ ଏଣିକି ବେଶି କହିବି ନାହିଁ । କହିବି ନାହିଁ କହିଲେ ଏ ଘରେ ରହିବି ନାହିଁ । ଏ କଡା ବାଙ୍ଗ ବାଜି ଯେବେ ତୁମର ଚେତା ନ ହେଲା, ତା ହେଲେ ତୁମର ଚେତା କେବେ ହେବ ନାହିଁ । ତୁମେ ତୁମ ନିଜ ମନକୁ ଡେଙ୍ଗୁରା ପିଟି ପାର ଯେ ଆମେ ବଡ, ଆମେ ବଡ କାମ କରୁଛୁଁ, ଆମର ମୁଣ୍ଡ, ଆମର ମଝି, ଆମର ଗୋଡ ସବୁ ବଡ, କିନ୍ତୁ ସଂସାର ତୁମର ଏ ଡେଙ୍ଗୁରା ପିଟାରେ ଭୁଲିବ ନାହିଁ । ତୁମେ କେତୋଟା ଲୋକଙ୍କୁ କିଛି ସମୟ ପାଇଁ ବୋକା ବନେଇ ପାର, କିନ୍ତୁ ସବୁଲୋକଙ୍କୁ ସବୁ ସମୟ ପାଇଁ ବୋକା ବନେଇ ପାରିବ ନାହିଁ ।

ଅନ୍ୟ ଏକ ଉଦାହରଣ ପ୍ରାବନ୍ଧିକ ପ୍ରବନ୍ଧର ଶେଷ ପର୍ଯ୍ୟାୟରେ ଯାହା କରିଛନ୍ତି ତାହା ହେଉଛି - "ମୋର ବାଟ ଏ, ଏ ବାଟରେ ମୁଁ ଯିବି । ସେଥିରେ ଯେବେ ମୁଁ ଲକ୍ଷ୍ୟ ସ୍ଥାନରେ ନ ପହଞ୍ଚିପାରେ, ତାହେଲେ ମଧ୍ୟ ମୋର ଗୌରବ ଓ ଜାତିର ଉନ୍ନତି । ଆଉ କଣ କହିବି । ଖାଲି ଏତିକି ।"

ସର୍ବୋପରି ପ୍ରାବନ୍ଧିକଙ୍କ ଶୈଳୀଗତ ଚମତ୍କାରିତା, ହାସ୍ୟବ୍ୟଙ୍ଗ, ସଂସ୍କୃତି ପ୍ରାଣତା ତଥା ମନ୍ମୟତା 'ବଟୁଆ'କୁ ଏକ ସାର୍ଥକ ରମ୍ୟରଚନାର ରୂପ ବିଭବ ପ୍ରଦାନ କରିଛି ଏଥିରେ ଦ୍ୱିମତ ନାହିଁ ।

## ୩.୬ ରମ୍ୟରଚନା 'ବଟୁଆ'ର ମୂଳପାଠ

### ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ବଟୁଆ ଓଡ଼ିୟାମିର ଗୋଟାଏ ଚିହ୍ନ- ଓଡ଼ିୟାମିମାନେ ଖାଣ୍ଟି ଓଡ଼ିଆମି; ବଙ୍ଗୋଡ଼ିଆ ବା ବିହାରୋଡ଼ିଆ ବା ତୈଲଙ୍ଗୋଡ଼ିଆ ଏ ଚିହ୍ନଟାକୁ ଜାତିଚିହ୍ନ ବୋଲି ମାନିବାକୁ ରାଜି ନୁହନ୍ତି। କଲିକତିଆ ବଙ୍ଗାଳି ସମାଜରେ 'ବଟୁଆ' ସେମିତି ଗୋଟାଏ ଛିଗୁଲିଆ କଥା, ଆମ ବଙ୍ଗୋଡ଼ିଆଙ୍କ ଆଖିରେ ମଧ୍ୟ ସେଇମିତି ପାଠୁଆ ଓଡ଼ିଆଙ୍କ ନାକକୁ ବଟୁଆଗନ୍ଧଟା ଦିକୋଶ ଦୂରରୁ ଗନ୍ଧାଏ, ବଟୁଆଟିଏ ଦେଖିଦେଲେ ତାଙ୍କ ଆଖିରେ ଶୁଖୁଆ କଣ୍ଟା ଗଳିଯାଏ। ବଙ୍ଗାଳିଙ୍କର ହୁକା ଓ ତେଲେଙ୍ଗାଙ୍କର ପିକା ଗନ୍ଧଠାରୁ ବଟୁଆ ଗନ୍ଧଟା କିଛି ବେଶି ଦୁର୍ଗନ୍ଧ ନୁହେଁ; ବଟୁଆର ସୌନ୍ଦର୍ଯ୍ୟ ତାଙ୍କ ଅପେକ୍ଷା କିଛି କମ୍ ନୁହେଁ, ତଥାପି ବଟୁଆ 'ଓଡ଼ିଆ'ଙ୍କ ଭଳି ହସକୋଳି ଥଟ୍ଟା ବୋଈାଳି। ଘରମାଡ଼ ବାହାରମାଡ଼ ଖାଇ ବଟୁଆ ଆସ୍ତେ ଆସ୍ତେ ପଛେଇଲାଣି; ଦିନକୁ ଦିନ ଏ ଓଡ଼ିଆ ଜାତିଟାକୁ ସାଙ୍ଗରେ ନେଇ ସେ ବଙ୍ଗ-ସାଗରରେ ବୁଡ଼ି ମରିବ। ହାୟରେ ବଟୁଆ !! ହାୟରେ ବଟୁଆ, ସମ୍ପତ୍ତି ବଟୁଆ !!!

ବଟୁଆର ଏଇ ଯେ ଗତି ହେଉଛି, ସେଇଥିରୁ ଓଡ଼ିଆ ଜାତିର ଗତି ମଧ୍ୟ ଅନୁମାନ କରିପାର। ବଟୁଆ ଆଣିଥିଲା ଓଡ଼ିଆର ଗୌରବ, ବଟୁଆ ଘେନିଯିବ ଓଡ଼ିଆର ପ୍ରାଣ। ଓଡ଼ିଆର ଯେତେବେଳେ 'ବଟୁଆ' ଥିଲା, ବେଉସା ପାଇଁ, ଯାତ୍ରୀ ବ୍ୟବସାୟ ପାଇଁ, ଚାକିରୀ ପାଇଁ, ନାଁ ଅର୍ଜିବାପାଇଁ ଯେତେବେଳେ ଓଡ଼ିଆ ଏ ପୂର୍ବଖଣ୍ଡ ଗୋଟାଯାକ ବିଞ୍ଚି ହୋଇଯାଇଥିଲା; ସେତେବେଳେ ତା'ର ବଟୁଆଟି ନ ହେଲେ ଚଳୁ ନଥିଲା। ସେତେବେଳେ ବଟୁଆ ଖାଲି ପାନ ଗୁଣ୍ଡି ରଖିବାର ଜାଗା ନ ହେଲେ ସେଥିରେ ରହୁଥିଲା ଜଡି ବୁଟି, ତିଳକ କୋଥଳି, ଛୁରୀ କତୁର, ପଇସାପତ୍ର, ପାନଗୁଆ, ମସଲାମସଲି ଇତ୍ୟାଦି ହରେକ ଚିଜ। ଖଣ୍ଡିଏ ଗାମୁଛା, ଦି'ଖଣ୍ଡ ଗନ୍ତା, ଖଣ୍ଡେ ପିଉଳ, ଖଣ୍ଡେ ଡାଳ, ଏ ସବୁର ଗୋଟିଏ ଗଣ୍ଠିଲି ବା କୋଥଳି କାନ୍ଧରେ, ଥାକୁଲ ଥୁକୁଲ ବଟୁଆ ଅଣ୍ଟାରେ, ହାତରେ ଖଣ୍ଡିଏ ବାଡ଼ି; ମୁଣ୍ଡରେ ଖଣ୍ଡିଏ ଠେକା; ପାଦରେ ହଳିଏ ନାଗରା ଯୋତା; ବେଶ୍ ଓଡ଼ିଆ ଏତିକିରେ ଚଳିଲେ ଅର୍ଜନ କରି, ଘର ପଇସା ଦେଶ ପଇସା ଅର୍ଜନ କରିବାକୁ ନୁହେଁ- ବିଦେଶ ପଇସା ଦେଶକୁ ଆଣିବାପାଇଁ। ଏଇମାନେ ହେଲେ 'ବଟୁଆ'। ତାଙ୍କ ବଟୁଆ ଖଣ୍ଡି ଥିଲା ତାଙ୍କ ବାଟର ସମ୍ପତ୍ତି, ତାଙ୍କ ଓଡ଼ିୟାମିର ଗୌରବ; ତାଙ୍କ ଅର୍ଜନର ଉପାୟ। ସେମାନେ ସାତ ସମୁଦ୍ର, ତେର ନଈ ପଚିଶ ପାହାଡ଼, ଶହ ଶହ ଜଙ୍ଗଲ ପାର

ହୋଇ ଯାଉଥିଲେ ସେହି ବଟୁଆଟି ଆଉ ସେହି ଠେଙ୍ଗାଟିର ଜୋର୍‌ରେ । ଏହି ବଟୁଆଗୁଡ଼ାକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଆଣୁଥିଲେ । ଏହି ବଟୁଆଙ୍କ ଧନରେ ଆଜିକାଲିର କେତେ ଓଡ଼ିଆ ବାଈ ବଡ଼ଲୋକ; ଏହି ବଟୁଆ ବଂଶ ଆଜି ସରକାରୀ ଉଚ୍ଚପାହିଆ କାମଠାରୁ ଆରମ୍ଭ କରି ବେସରକାରୀ ଉଚ୍ଚପାହିଆ କାମ ପର୍ଯ୍ୟନ୍ତ ହାସଲ କରି ବସିଛନ୍ତି ।

ଏ ମରହଟିଆଟା କ'ଣ ଗୁଡ଼ାଏ କହୁଛି ହେ ? ବାଉଳାଟାଏ ନା କ'ଣ ? ଆଜିକାଲି ଯେମିତି ଓଡ଼ିଆମାନେ ବିଦେଶକୁ ଯାଉ ନାହାନ୍ତି, କି ପଇସା ରୋଜଗାର କରୁ ନାହାନ୍ତି, ଖାଲି ସେହି "ସେ କଲେ ପୁରୋନୋ ଜନ୍ତୁ" ଗୁଡ଼ାକ ଯେମିତି ଯାଇ ପଇସା ରୋଜଗାର କରୁଥିଲେ । ଆଃ, ଛି, ଛି, ତାଙ୍କ ମଳିମୁଣ୍ଡ; ତାଙ୍କ ମଳି ଗାମୁଛା, ତାଙ୍କ ଗନ୍ଧିଆ ବଟୁଆ ତା'ର  ବଟୁଆ ତା'ର ପୁଣି ତୁଳନା ଆମ ଏ ସଭ୍ୟ ଓଡ଼ିଆମାନଙ୍କ ସାଙ୍ଗରେ !!! ପାଗଳ, ପାଗଳ; କିନ୍ତୁ ବାଈମାନେ; ସେମାନେ ଆଣୁଥିଲେ ଶହ ଶହ, ହଜାର ହଜାର, ପାଦପୂଜା ପାଇ; ବେଉସା କରି, ହାକିମ କରି । ତୁମେ ଯାଉଛ ଦଶ ପନ୍ଦର ଟଙ୍କାର କୁଲିଗିରି କରିବାକୁ; ସେଥିରେ ପୁଣି ତୁମର ଗୋଟାଏ ଟିଣ ବାକ୍‌ସ, ଗୋଟାଏ ଶେଯ ଗଣ୍ଠିଲି, ଗୋଟାଏ ବାସନ କୁସନ ଜାଗା; ଆଉ ତାକୁ ନେବାପାଇଁ ଦରକାର ଗୋଟାଏ ଅନ୍ତତଃ କୁଲି । ସେମାନେ ଯାଉଥିଲେ ଆଣିବାପାଇଁ; ତୁମେ ଯାଉଛ ଦବା ପାଇଁ । ସେମାନେ ଯାଉଥିଲେ ସାଆନ୍ତେଇ କରି, ତୁମେ ଯାଉଚ ଗୋଲାମି କରି । ତୁମେ ଯେବେ ବଡ଼ିମା ଛାଡ଼ି ଟିକିଏ ନିରେଖି କରି ଦେଖିବ, ତା'ହେଲେ ତୁମେ ମଧ୍ୟ ବୁଝି ପାରିବ ଯେ ଏହି ବଟୁଆ ଓ ସୁଟ୍‌କେଶ୍ ଲଢ଼େଇରେ ବଟୁଆର ସିନା ଜିତ୍; ତୁମ ସୁଟ୍‌କେଶର୍ ନୁହେଁ ।

ତେବେ ଆମେ ବଟୁଆକୁ ଘୃଣା କରୁ କାହିଁକି ? ତୁମେ କ'ଣ ଭାବୁଚ ଯେ ଆମର ଆଖି ନାହିଁ, ଆମର ବୁଦ୍ଧି ନାହିଁ, ଆମର ଶିକ୍ଷା ନାହିଁ; ଖାଲି ତୁମେ ପାଠୁଆ, ତୁମେ ବୁଦ୍ଧିଆ ।

ତୁମର ଆଖି ଅଛି, ସେ ଖେଳ କଣ୍ଢେଇର ଆଖି । ତୁମର ବୁଦ୍ଧି ଅଛି, ସେ କାଉଁରୀ ମନ୍ତ୍ରଭୁଲା ବୁଦ୍ଧି । ତୁମର ଶିକ୍ଷା ଅଛି; ସେ ପୋଷାଶୁଆର ଶିକ୍ଷା । "ଯାହା ପଢ଼ାଇଛି ଜଟାଧାରୀରେ ବରାଙ୍ଗି ।" ତା'ଛଡ଼ା ମନରୁ ଗୋଟାଏ କିଛି କାଢ଼ିବାର ଶକ୍ତି ନାହିଁ । ଥିଲେ ତୁମେ ଦେଖୁଥା'ନ୍ତେ ତୁମର ଏଇ ଯେ ସାଇବାଣୀମାନେ; ସଭ୍ୟ, ଉନ୍ନତ; ଉଚ୍ଚଶିକ୍ଷିତ ସାଇବାଣୀମାନେ । ସାଇବାଣୀମାନଙ୍କର (Hand-bag) ହାତ ଥଳି ଦେଖିଛ ତ ? ସାଇବମାନଙ୍କର (Haverasack Knapsack) ଅର୍ଥାତ୍ ଝୁଲାମୁଣା ଦେଖିଛ ତ ? କହ ଦେଖି ଏହି ହାଣ୍ଡ ବାଗ୍ ହାଭରସାକ୍ ବା ନାପ୍‌ସାକ୍ ଅପେକ୍ଷା ଆମ ବଟୁଆଟା କେଉଁ ଗୁଣରେ ନିକୃଷ୍ଟ ? ସାଇବାଣୀ ଓ ସାଇବ ଯୁଆଡ଼େ ଯିବେ  ତାଙ୍କ ସାଙ୍ଗରେ ଏଉଟା ବରାବର ଥିବ । ଆଉ ଯା ଭିତରେ ମୁହଁମଖା ଗୁଣ୍ଡାରୁ ଆରମ୍ଭ କରି ରାତି ଦରକାରି ରବରମୁଣ୍ଡା ପର୍ଯ୍ୟନ୍ତ ସବୁ ମାଲ ମହଜୁଦ ଥାଏ । ଆମର ବଟୁଆରେ ମଧ୍ୟ ଆମର  ଲୋଡ଼ା ସବୁ ଜିନିଷ ରହେ । ତାଙ୍କର ଏ ଥଳିଗୁଡ଼ାକ କନାରେ ତିଆରି, ଆମ ବଟୁଆ ଗୁଡ଼ାକ ମଧ୍ୟ କନାରେ ତିଆରି । ତାଙ୍କ ବ୍ୟାଗଗୁଡ଼ାକ ଚହଟ ଚିକ୍‌କଣ ବେଳେବେଳେ ହୋଇଥାଏ, ଆମ ବଟୁଆରେ ମଧ୍ୟ ରୂପାଫୁଲି ଚିତ୍ରକନା ଦେଇ ଚହଟ ଚିକ୍‌କଣ କରାଯାଏ । ଖାଲି ପ୍ରଭେଦ ଏତିକି ଯେ ତାଙ୍କ ବ୍ୟାଗଗୁଡ଼ାକ ବନ୍ଦ ହେଲେ ମଧ୍ୟ ତା'ର ମୁହଁମାନ ଓସାରିଆ, ଆଉ ଆମ ବଟୁଆ ବନ୍ଦ ହେଲେ ତା'ର ମୁହଁଟା ଗୋଜିଆ । ସେପରି ହେବାର ଗୋଟାଏ କାରଣ ଅଛି ।

ସେ ହେଉଛି ଜାତି ଲକ୍ଷଣ । ସାଇବ ସାଇବାଣୀ କାମବେଳେ ତାଙ୍କ ଜାତିର ଲକ୍ଷଣ । ବିଲାତି ସିଂହ ତା' ଜନ୍ମଦିନୁ ଗର୍ଜ୍ଜନ ନ କରି ରହି ଶିଖି ନାହିଁ । କାମୁଡ଼ା ଜୋର୍‌ରେ ଯେତେ ନୁହେଁ, ଖାଲି ଏହି ଗର୍ଜନ ଜୋରରେ ବିଲାତୀ ସିଂହ ପୃଥିବୀଟା ମାଡ଼ି ବସିଚି । ଏ ଭୁକିଲା ବୁଲ୍ ଡଗ୍ ଖାଲି ଭୁକେ ନାହିଁ, ଦରକାର ବେଳେ କାମୁଡ଼େ ମଧ । ଭୁକି ଭୁକି ଯେବେ ହାଡ଼ ଖଣ୍ଡକ ଆର କୁକୁର ମୁହଁରୁ ମାରିନେଲା; ତେବେ ତ ଭଲ; ଯେବେ ଭୁକିବାରେ କାମ ହାସଲ ନ ହୁଏ; ତାହା ହେଲେ କାମୁଡ଼ି ମଧ ଦିଏ । ଭୁକିବା ପଛକୁ କାମୁଡ଼ିବା ଧମକଟି ଅଛି ବୋଲି, ତାଙ୍କ ଗର୍ଜନକୁ ଲୋକେ ଡରିଯା'ନ୍ତି । ଆମ ପୂର୍ବପୁରୁଷ ଆମର ଓଡ଼ିଆ ଷଣ୍ଢ କାମବେଳେ ଗର୍ଜନ କରୁଥିଲେ । କାମ ସରିଗଲେ ମୁହଁ ବନ୍ଦ କରି ଘରେ ରହୁଥିଲେ । ଖାଲି ମିଛ ବୋଇାଳି ଏ ଜାତିଟା ଜାଣି ନ ଥିଲା । ଓଡ଼ିଆ ସୈନ୍ୟ, ଓଡ଼ିଆ ବେପାରୀ, ଓଡ଼ିଆ ବାଈାଜି, ଓଡ଼ିଆ ବଟୁଆ, ଦେଶ ଜୟ କରି, ବେପାର କରି, ରୋଜଗାର କରି ଯାଉଥିଲେ, ହୁଂକାର ଦେଉଥିଲେ, ଗୀତ ଗାଉଥିଲେ, ଖୁବ୍ ପାଟି ତୁଣ୍ଡ କରୁଥିଲେ । କାମ ହାସଲ କରି ଯେତେବେଳେ ଘରକୁ ଫେରୁଥିଲେ, ସେତେବେଳେ ଘରଣୀମାନଙ୍କ ପାଖରେ ଏକାବେଳେକେ ମୁହଁରେ- ୧୪୪ ଧାରା । ଖଣ୍ଡା ତଲୁଆର ଥୋଇ ଦେଇ ଲଙ୍ଗଳ ମୁଠି ଧରିବା ଓ ଲଙ୍ଗଳ ମୁଠି ଛାଡ଼ି ଦେଇ ଖଣ୍ଡା ତଲୁଆର ଧରିବା ସେମାନଙ୍କ ପକ୍ଷରେ ଯେପରି ସହଜ ଥିଲା, ବାଟର ଦୁଃଖ କ୍ଲେଶ ସାଙ୍ଗରେ ଘରଣୀଙ୍କ କଅଁଳ ଛାତିରେ ଆଖି ବୁଜି ପଡି ରହିବାର ଅଦଳ ବଦଳ ମଧ ସେହିପାରି ସହଜ ଥିଲା । ସେହି ହେତୁରୁ ବଟୁଆଟି ଥିଲା ତାଙ୍କର ଚିର ସାଥି । ସମୁଦ୍ର ଅତଳ ପାଣିରେ ବଟୁଆ, ଯୁଦ୍ଧକ୍ଷେତ୍ରରେ ମଶାଣିଭୂଇଁରେ ବଟୁଆ "କେଳି-ସଦନର କରୀନ୍ଦ୍ର ଦନ୍ତ ପଲଙ୍କ" ପାଖରେ ମଧ ବଟୁଆ । ଚିର ଜାଗ୍ରତ ଥିଲା ଏ ଜାତି । ଚିର ଜାଗ୍ରତ ଅଛି ମଧ ବିଲାତି ଜାତି । ତାଙ୍କ ହ୍ୟାଣ୍ଡବ୍ୟଗ୍, ହାଭରସାକ୍ ବା ନାପସାକ୍ ସବୁବେଳେ ହାତ ପାଖରେ ; ସବୁବେଳେ ତିଆରି; କିନ୍ତୁ ଆମେ ପରଗତିଆ, ଆଗଡ଼ିଆଁ ସଭ୍ୟ ଶିକ୍ଷିତ ଓଡ଼ିଆଙ୍କ ନାକକୁ, କାନକୁ, ଆଖିକି, ମୁଣ୍ଡକୁ ଓ ଅଣ୍ଟାକୁ ବଟୁଆ ଅସୁନ୍ଦର, ଅକଡ଼ିଆ ।

ଟିକିଏ ବସିଯାଅ । ଏ ବଟୁଆ, ଓଡ଼ିଆ, ଅକଡ଼ିଆ, ବାଟୁଆ, ଆଗୁମା, ପରଗତିଆ, ଆଗଡ଼ିଆଁ ଇତ୍ୟାଦି ଶବ୍ଦଗୁଡ଼ାକୁ ମୋ ମନରେ ଗୋଟାଏ ବଡ଼ ଗୁରୁତର କଥା ମନେ ପକାଇ ଦେଇଛି । ଥରକୁ ଥର ଦେଖିଥିଲି, ଜଣେ ବଡ଼ ମୁଣ୍ଡିଆ, ବଡ଼ଖିଆ- ଧେତ୍‌ତେରେ- ସେଇଆ, ଆ-କ'ଣ କରିବି, ମୁଁ ଯେ ସେଇଥିରେ ବଢ଼ି ଆସିଚି- କହୁଥିଲି, ଜଣେ ଖ୍ୟାତନାମା ପ୍ରସିଦ୍ଧନାମା ସାହିତ୍ୟସାରଥି ଲେଖିଲେ ଯେ- ଆମେ 'ନାଁ' ପଛରେ ଏଇ ଯେ ଆକାରଟା ଯୋଡ଼ିଦଉଁ- ଅର୍ଥାତ୍ ବଳରାମକୁ ବଳିଆ, ମଧୁସୂଦନକୁ ମଧୁଆ, କଳାରାମକୁ କଳିହା, ବାଉରୀବନ୍ଧକୁ ବାଉରିଆ, ହରିଶ୍ଚନ୍ଦ୍ରକୁ ହରିଆ, କାଳିନ୍ଦୀକୁ କାଳିଆ, ବୈକୁଣ୍ଠକୁ ବଇଆ ଇତ୍ୟାଦି ବୋଲି ଡାକୁଁ ଏଇଟା ଆମ ଜାତିର ସଭ୍ୟତାର ଚିହ୍ନ । ଏଇ 'ଆ'ଟାକୁ 'ନାଁ' ପରକୁ 'କା' କରି ଦେବାକୁ ହେବ । ତେବେ ତା' ଜାଗାରେ କ'ଣ ବସାଇବ ? ନା ବଦଳି ତ ଫେରେ ଗୋଟାଏ ଡାକ- ନାଁ କିଛି ରହିବା ଦରକାର । ଦେଖା ଦେଖି ଆଉ ଜାତିମାନେ କ'ଣ ଡାକ ନାଁ ଦିଅନ୍ତି । ବିହାରୀମାନେ ମଧ ଏଇ 'ଆ'ଟା ଡାକ ନାଁ ପଛରେ ଲଗାନ୍ତି- ଯେପରି ଯମୁନାକୁ ଯମୁନୁଆ, ବାଢ଼ୋକୁ ବାଢ଼ୱା, ରାମକୁ ରାମୱା ଇତ୍ୟାଦି । ବିହାରୀଗୁଡ଼ାକ ଅତଏବ ଆମପରି ଅସଭ୍ୟ । ତାଙ୍କ ପାଖକୁ ଯାଇ କି ଲାଭ ? ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ, ବାଇୁ ଜୟପ୍ରକାଶ ନାରାୟଣ- ଏମାନେ ଆମର ଗୁରୁ, ଯାଙ୍କ ପାଦ ଚାଟିବାରେ ଦୋଷ ନାହିଁ; ଏମାନଙ୍କର ଘର ବିହାରରେ ହେଲେ ମଧ, ଏମାନେ କ'ଣ ବିହାରୀ କି ? ଏମାନେ ପରା ଭାରତବର୍ଷ ବୋଲି ଯେଉଁ ଅଲଗା ଦେଶଟା ଅଛି ନା, ସେଇ ଦେଶର ଧନୁଧରା ।

ତା’ ହେଲେ ଉପାୟ; ଦେଖ ତ ବଙ୍ଗାଳିମାନେ କ’ଣ କରୁଛନ୍ତି। ଏଇରେ ଏଇତ ଠିକ୍। ହରିକି କହିବି ହରେ ମଧୁକୁ କହିବି ମଧୋ କାଳିନ୍ଦୀକୁ କହିବେ କାଳିନ୍ଦେ, ବୈକୁଣ୍ଠକୁ କହିବେ ବୈକୁଣ୍ଠେ, ଓଡ଼ିଆକୁ କହିବେ ଉଡ଼େ। ବେଶ ଏଇ ଠିକ୍। ବଙ୍ଗାଳି ଜାତି ଭାରି ସଭ୍ୟ ଖୁବ୍ ଉଚ୍ଚ ଶିକ୍ଷିତ। ଅତଏବ ଆମର ଏ ଅସଭ୍ୟ ପ୍ରଥାଟା ଛାଡ଼ିଦେଇ ତାଙ୍କର ସେ ସଭ୍ୟ ପ୍ରଥାଟା ନେବା ଆମର ଉଚିତ ନୁହେଁ। ଏକାବେଳକେ ଧର୍ମ।

ଯାଉ ଏଇଟା ଖାଲି ଫାଲତୁ। କହୁଥିଲି, ଆମେ ସବୁ କଥାରେ ଅପ୍ରସ୍ତୁତ। ଯାହା କହନ୍ତି ନି, ‘ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ’- ସେ କଥାଟା ଠିକ୍ ଆମରି ଉପରେ ଫାବେ। ଜଣେ ଲାଟ ସଭା ସଭ୍ୟ ଆମର ଲାଟ ସଭାକୁ ଯିବା ଭାରି ଦରକାର! ଦଳପତିଙ୍କର କଡ଼ା ହୁକୁମ ଯିବାକୁ ପଡ଼ିବ। ଲାଟ ସଭାର ସଭ୍ୟମାନେ ସେ ଥରକ ଗୋଟାଏ କିଛି ସୁନାହାତୀ କି ହୀରାଛତି ଅର୍ଜନ କରିବାରେ ଯୋଗାଡ଼ କରିଥା’ନ୍ତି। ଆମ ଓଡ଼ିଆ ସଭ୍ୟ ଘରଣୀଙ୍କ ସଙ୍ଗରେ ରାନ୍ଧିବାକୁ ବସିଗଲେ। ଘରୁ ଯାଉଛନ୍ତି ଯେତେବେଳେ ମୁଠେ ଭଲ କରି ପେଟକୁ ନ ଖାଇ ଯିବେ କିମିତିକା। ତରବର ହୋଇ ରୋଷେଇ ହେଲା, ତରବର ହୋଇ ଖିଆପିଆ ହେଲା, ତରବର ହେଇ ମଟରଗାଡ଼ି ଚଢ଼ି ଇଷ୍ଟେସନକୁ ଯାଇ ଦେଖନ୍ତି ଯେ ଗାଡ଼ିଟା ବି ତରବର ହୋଇ ପ୍ରାୟ ଘଣ୍ଟାକ ଆଗରୁ ପଳେଇ ଗଲାଣି। ସଭ୍ୟ ଆମର ମୁହଁରେ ମହାବ୍ୟସ୍ତ ପେଟରେ ମହାଖୁସି ହୋଇ ଫେରିଲେ ଘରକୁ। ଓଡ଼ିଆ ପୁଅ ବାହାରକୁ ଯିବେ, ପାନ ଦି’ଖଣ୍ଡ ତ ଦରକାର; କିନ୍ତୁ ପାନ ଦି’ ଖଣ୍ଡ ଯେ ତିଆରି ନାହିଁ। ଠିକ୍ ଶେଷବେଳକୁ ମନେ ପଡ଼ିଯିବ ସେଇ କଥା, ଆଉ ତା’ ପରେ ଲାଗିଗଲା ବାହାବେଳେ ବାଇଗଣ ରୁଆ। ଅଥଚ ବଟୁଆ ଖଣ୍ଡିକ ଯେବେ ଆମେ ରଖିଥା’ନ୍ତୁ, ତା’ହେଲେ ଆଉ ଦରକାର ଥିଲା କ’ଣ? ବାହରିଲି ନା ବାହାରିଲି। ବଟୁଆ ଖଣ୍ଡି ଅଣ୍ଟାରେ ଖୋଷି ଚାଲିଲି। ଯୁଠେଇଁ ଦରକାର ହେଲା ଖୋଲିଲି, ପାନ ଖାଇଲି, ଫେର ଚାଲିଲି। ଏ ଆଜିକାଲି ଆମ ହାତରେ ହେଉ ନାହିଁ। କୌଣସି କାମରେ ଘରୁ ଗୋଡ଼ କାଢ଼ିଲେଇ ଆମର ଲାଗିଯାଏ ଷାଠିଏ ମହଣ ଘିଅ ଆଉ ରାଧାଙ୍କ ନାଚ। ଆଗୁଁସାର ଜାତିର ଏ ଲକ୍ଷଣ ନୁହେଁ। ସେ ଜାତି ଆଗେ ବଢ଼ିବା ଦରକାର, ତା’ର ଦିନ ଓ ରାତି ପ୍ରତି ମୁହୂର୍ତ୍ତରେ ତିଆରି ଥିବା ଉଚିତ। ଯେ କୌଣସି ବେଳେ ଦରକାର ପଡ଼ିଲେ, ପାଞ୍ଚ ମିନିଟ୍ ମଧ୍ୟରେ ସେ ବାହାରି ଆସିବା ଦରକାର। ମୋର ମନେ ପଡୁଛି ଯେ, ଥରେ ଜଣେ କଂଗ୍ରେସ ନେତା ଓ ଲାଟ ସଭା ମେମ୍ବର ଆଉ ମୁଁ କୌଣସି ମଫସଲ ଜାଗାକୁ ଯିବାର ଠିକ୍ କରିଥିଲୁଁ। କଥା ହୋଇଥିଲା ଯେ ଆମେ ବାହାରିବୁ ଠିକ୍ ସକାଳ ୪ଟା ବେଳେ, ଆଉ ଯାଇ ପହଞ୍ଚିବୁ ଠିକଣା ମୁଣ୍ଡରେ ପ୍ରାୟ ୭ଟା ସମୟରେ; ଯେପରି ଲୋକେ ଆସି ବେଶି ବେଳଯାଏ ଅପେକ୍ଷା କରି ନ ବସନ୍ତି। ମୁଁ ଠିକ୍ ୪ଟା ବେଳେ ମଟର ନେଇ ମେମ୍ବର ସାହେବଙ୍କ ଦୁଆରେ ପହଞ୍ଚିଲି। ମଟର ପେଏଁକାଳି ବଜାଇଲି। କିଛି ହଲଚଲ ନାହିଁ। ଚପରାଶି ପଠେଇ ଦୁଆର ମୁହଁରେ ବୁହେ ପାଟି ତୁଣ୍ଡ କରିବା ପରେ ମେମ୍ବର ଆଖି ମଳିମଳି ନିଦ ବାଉଳାରେ ଉଠି ଆସିଲେ। ଅପେକ୍ଷା କରିବାକୁ କହିଲେ। ତା’ ପରେ ଚାଲିଲା ନିତ୍ୟକର୍ମ, ଖିଅର ବାଆର, ଗାଧୁଆ ପାଧୁଆ, ମାଙ୍ଗଭଙ୍ଗା, ଲୁଗାପିନ୍ଧା। ଆମେ ବାହାରିଲା ବେଳକୁ ସେଇଠେଇଁ ହେଲା ୬ଟା। ଠିକଣା ମୁଣ୍ଡରେ ପହଞ୍ଚିଲୁ ପ୍ରାୟ ୯ଟାରେ। ଲୋକେ ପାହାନ୍ତିଆରୁ ଆସି ପୋକଯୋକଙ୍କ ପରି ସାଲୁ ସାଲୁ ହେଉଥା’ନ୍ତି। ଆଉ ଏ ଯେ ଦେଶସେବକ ନେତା, ଏ ହେଲେ ସ୍ୱରାଜ୍ୟ ଯୁଦ୍ଧର ସେନାପତି, ଗରିବ ଦୁଃଖୀରଙ୍କଙ୍କର ମା’ ବାପା।

କିନ୍ତୁ ବାଈ, ତୁମେ ଯାହା କହିଲ, ସେଥିରୁ ଜଣା ପଡୁଛି, ତୁମେ ଏ ସମୁଦାୟ ଦେଶକୁ ଗୋଟାଏ ଯୁଦ୍ଧଛାଉଣି ବନେଇବାକୁ ଚାହଁ; କିନ୍ତୁ ଆମେ ତ ଆଉ ଦେଶ ଜୟ କରୁନାହୁଁ ଯେ ଆମେ ଏକାବେଳେକେ ଖଣ୍ଡା ଉଞ୍ଚେଇ ବସି ରହିବୁଁ। ଏ ସଭ୍ୟତାର ଯୁଗ, ଆଲୁଅର ସମୟ। ସେ ଅନ୍ଧାରି ଅସଭ୍ୟ ଯୁଗରେ ଯାହା ଦରକାର ଥିଲା, ଇଲୋ ସେ ସବୁର କି ଦରକାର ?

ଭୁଲ ବୁଝିଛ ଭାଇ, ଭୁଲ ବୁଝିଛ। ତୁମେ ଦେଶ ଜୟ କରି ନ ପାର; କିନ୍ତୁ ତୁମକୁ ଯୁଦ୍ଧ ଛାଡ଼ିବ ନାହିଁ। ଖଣ୍ଡା ତଲୁଆର ଯୁଦ୍ଧ ବନ୍ଦ ହୋଇ ଯାଇପାରେ ; ଦରକାର ନ ହେଇପାରେ, କିନ୍ତୁ ଅଜ୍ଞାନତା, ଅସଭ୍ୟତା ଜଡ଼ତା ସାଙ୍ଗରେ ତୁମକୁ ଯୁଦ୍ଧ କରିବାକୁ ପଡ଼ିବ। ସଭ୍ୟତାର ଯୁଦ୍ଧ ଖାଲି ଖଣ୍ଡା, ତଲୁଆର, ଗୁଳିଗୁଳାରେ ସରି ଯାଏ ନାହିଁ। ଖାଲି ସେଇତକରେ ସଭ୍ୟତାର ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ। ସଭ୍ୟତା କିଛି ଆମ୍ବଫଳ ନୁହେଁ କି ସପୁରି ଫଳ ନୁହେଁ। ସଭ୍ୟତା ହେଉଛି ଅଶରୀରି ବାଣୀ, ଶୂନ୍ୟବାଣୀ, ଗୋଟାଏ ମତଲବ, ଗୋଟାଏ ଧାରଣା, ଗୋଟାଏ ବିଶ୍ୱାସ ମାତ୍ର। ଖଣ୍ଡା ତଲୁଆରର ଯୁଦ୍ଧ ଧନଜନପାଇଁ; କିନ୍ତୁ ସଭ୍ୟତାର ଏହି ଶୂନ୍ୟବାଣୀ ପାଇଁ ଯୁଦ୍ଧ କରିବାକୁ ହେଲେ ଖଣ୍ଡା ତଲୁଆର ଗୁଳିଗୁଳା ଯେତେ ଦରକାର ହୁଏ ନାହିଁ, ତା' ଅପେକ୍ଷା ବେଶି ଦରକାର ପାଟି ତୁଣ୍ଡର ଯୁଦ୍ଧ, କାଳିକଲମର ଯୁଦ୍ଧ। ଶଙ୍କରଙ୍କର ଭାରତ ବିଜୟ ଅଶୋକଙ୍କର ଭାରତ ବିଜୟଠାରୁ କୌଣସି ମତେ ହୀନ- ନିକୃଷ୍ଟ ନୁହେଁ। ସତରେ କହିବାକୁ ଗଲେ ଅଶୋକ ଖଣ୍ଡା ତଲୁଆର ବଳରେ ଯେ ସାମ୍ରାଜ୍ୟକୁ ଭାଙ୍ଗି ଚୁରମାର କରିପାରିଥିଲେ। ସିଜାର, ଆଣ୍ଟୋନିଓ, ବ୍ରୁଟ୍‌ସ, ନେରୋ ଇତ୍ୟାଦି ଖଣ୍ଡା ତଲୁଆର, ବର୍ଚ୍ଛା ମୁନରେ ଯେ ସାମ୍ରାଜ୍ୟ ତିଆରି କରିଥିଲେ, ଖ୍ରୀଷ୍ଟ ଓ ତାଙ୍କର ଶିଷ୍ୟମାନେ ଭୂର୍ଜପତ୍ର ଓ ଲେଖନ ଏବଂ ପାଟି ତୁଣ୍ଡ ବଳରେ ସେଇ ସାମ୍ରାଜ୍ୟ ତିଆରି କରିଛନ୍ତି ଓ କରୁଛନ୍ତି ସେ ସାମ୍ରାଜ୍ୟର ଧ୍ୱଂସ ସେଇ ଗୋଳାଗୁଳି, ତୋପ, ବନ୍ଧୁକରେ ଯେତେ ନ ହେବ ତା'ଠାରୁ ବେଶି ହେବ କାଗଜ କଲମ ଆଉ ପାଟିତୁଣ୍ଡ ଜୋର୍‌ରେ।। ଆମେ ଇଲେ ପୁରୁଣା ଭାବକୁ ଭାଙ୍ଗି ଦେଶରେ ନୂଆଭାବ ଖେଳାଉଛୁଁ ଓ ଖେଳାଇବାର ଚେଷ୍ଟା ଚାଲିଛି। ଏହାହିଁ ଆମର ସଭ୍ୟତା। ଏ ନୂଆ ଭାବ ପୁରୁଣା ଭାବକୁ ମାରିଦେବ ନାହିଁ; କିନ୍ତୁ ତାକୁ ମାଜିମୁଜି ଆଉରି ଟିକିଏ ବେଶି ଚକ ଚକ, ଆଉରି ଟିକିଏ ବେଶି ସୁନ୍ଦର- ମନୋହର କରିବ। ସଭ୍ୟତା ଏଇଆ। ଯେ ସଭ୍ୟତା ଯୁଗ ଯୁଗ ଧରି ତା'ର ପୁରୁଣା ମସିଆ ଖତରା ଭାବକୁ ଧରି ବସେ, ସେ ମଲା ସଭ୍ୟତା; କିନ୍ତୁ ଯେ ସଭ୍ୟତାର ଭିତରେ ଏପରି ଶକ୍ତି ଅଛି ଯେ, ସେ ଦରକାର ଅନୁସାରେ ନୂଆ ଭାବ ନିଜ ଭିତରକୁ ନେଇପାରେ, ନୂଆ ରସ ଶୋଷିପାରେ, ନୂଆରକ୍ତ ତା' ଭିତରେ ଖେଳାଇପାରେ- ସେଇ ସଭ୍ୟତା ଜୀଅନ୍ତା ସଭ୍ୟତା। ତେବେ ନୂଆରସ ନୂଆରକ୍ତ ନାଁ'ରେ ନୂଆ ନାଳପାଣି ଯେପରି କେହି ନ ପିଅନ୍ତି। ଆମର ଏ ବଟୁଆଧାରୀ ଓଡ଼ିଆଙ୍କର ଗୋଟାଏ ସଭ୍ୟତା ଥିଲା। କେହି କେହି କହନ୍ତି, ସେ ଅସଭ୍ୟତା ଏହି ଯେ, କେହି କେହି ନାଳି ପାଣି ଖିଆ ସଭ୍ୟ । ଏମାନେ ସଭ୍ୟତାର ରସ ଓ ରକ୍ତ ଚାଖି ନାହାନ୍ତି। ଚାଖିଥିଲେ ସେମାନେ ବୁଝିଥା'ନ୍ତେ ଜୀବ ଥିଲେ ଯିବା ରହିବ। ଯେ ଜାତି ଆଗକୁ ମାଡି ଚାଲିଛି, ସେ ଜାତି ଅସଭ୍ୟ ହୋଇ ନ ପାରେ। ଓଡ଼ିଆ ଜାତିର ଜନ୍ମଠାରୁ ଆଜିଯାଏ ସେ କୌଣସି ସ୍ଥାନରେ ଗାଦିମାଡ଼ି ବସିନାହିଁ। ସେ ବରାବର ଚାଲିଛି। ଅନେକଦୂର ଚାଲି ଆସିଛି। ମହାଭାରତର ଓଡ଼ିଆ ଜାତିଠାରୁ ମହାଭାରତୀୟ ଓଡ଼ିଆ ଜାତି ଅନେକ ଆଗରେ। ରାସ୍ତା ବଡ଼ ଦୁର୍ଗମ, ବଡ଼ ଖସଡ଼ିଆ। କେତେବେଳେ ତଳକୁ ଖସିଛି। କେତେବେଳେ ଉପରକୁ ଉଠିଚି; କିନ୍ତୁ ଉପରକୁ ଉଠିବାର ଇଚ୍ଛା ଓ ସାହସ ଏ ଜାତି ଭିତରେ ବରାବର

ଜୁଆର ଖେଳିଚି । ମୁଁ ଓଡ଼ିଆ ଜାତି ସମ୍ବନ୍ଧରେ ଯାହା କହୁଛି, ତାକୁ ଅଦଳବଦଳ କରି ସବୁ ଜାତି ସମ୍ବନ୍ଧରେ ଲଗାଯାଇପାରେ । ଆମେ ଉନ୍ନତ ଜାତି ଅଛୁଁ ବା ହେବୁଁ କହିଲା ବେଳେ, ଆମେ ଯେ ସବୁବେଳେ ଉପରକୁ ଉଠିଛୁଁ ଓ ଉଠିବାର ଚେଷ୍ଟା କରିଛୁଁ- କଥାଟା ମାନି ନେବାକୁ ପଡ଼େ ।

ତେବେ କଥା ହେଉଛି , ଗୋଟାଏ ଉନ୍ନତ ଜାତିକୁ ତୋଟି ଚିପି ମଡ଼ା କରି କାନ୍ଧରେ ପକାଇ ବୁହାଇ ନେବାକୁ ଚେଷ୍ଟା କରାଯାଇପାରେ । ମୋର ହିମାଳୟ ପର୍ବତ ଶିଖକୁ ଉଠିବାର ଦରକାର । ମୁଁ ଚେଷ୍ଟା କରି, ଠିକି, ଶିଖି. କଷ୍ଟ ସହି ନିଜ ଗୋଡ଼ରେ, ନିଜ ଉଦ୍ୟମରେ, ନିଜ ଅସ୍ତଜୋରରେ ଉଠିପାରେ, ଅଥବା ତୁମେ ଦି' ଜଣ ମୋତେ ମଲା ଭଳି କରି ପକାଇ କୋକେଇରେ ତୁମ କାନ୍ଧରେ ଉଠାଇ ନେଇପାର । କିଏ ସେ ଭଲ ? ଲକ୍ଷ୍ୟ ଏକ ହେଲେ ମଧ୍ୟ ସାଧନାର ପ୍ରଭେଦରେ ଲକ୍ଷ୍ୟ ହୀନିମାନି ହୋଇଯାଇପାରେ । ତା'ର କାରଣ ହଉଚି, ଧର, ମୋର ଏଇ ହିମାଳୟ ଶିଖକୁ ଯିବା । ହିମାଳୟ ଶିଖରେ ବରଫ ଭରା, ଭାରି ଶୀତ, କାକର । ମୁଁ ଯେବେ ନିଜେ ଚଢ଼ି ଚଢ଼ି ଯାଏଁ, ତା' ହେଲେ ଏଇ ଶୀତ, କାକର ଆସ୍ତେ ଆସ୍ତେ ମୋର ଦିହସହିଆ ହେଇ ଯାଇଥିବ; ବରଫ୍ ଦିହରେ ଚାଲି ଚାଲି ବରଫରେ କିମିତି ଗୋଡ଼ ବି ଖସି ଚାଲିଆସିବାକୁ ସେ କଥା ମୁଁ ଶିଖି ଯାଇଥିବି; ଶିଖରେ ପହଞ୍ଚିଲେ ମୋର ଆଉ ଶୀତ, କାକର ଗୋଡ଼ଖସାକୁ ଭୟ ନଥିବ; ମୁଁ ନିଶ୍ଚିତ ଭାବରେ ବେପରୁଆ ଦେବତାମାନଙ୍କର ସାଙ୍ଗରେ ଜଣେ ହୋଇ ବସି ଚନ୍ଦ୍ର ମଧୁ ପିଇ ଚାଲିବି ; କିନ୍ତୁ ତୁମେ ଯଦି ମୋତେ ଉଠାଇ ନେଇଯାଅ, ତାହାହେଲେ ମୁଁ ଶିଖରେ ପହଞ୍ଚି ଠିଆ ହେଲା ବେଳକୁ ମୋ ମୁଣ୍ଡ ଘୂରେଇ ଯିବ; ଶୀତ କାକରରେ ଦିହ କୋଲ ମାରିଯିବ, ଖସଡ଼ା ବରଫରେ ଗୋଡ଼ ଖସି ମୁଁ ଯାଇ ପଡ଼ିବି ରସାତଳରେ, ମୋର ଗୋଡ଼ହାତ ଭାଙ୍ଗିଯିବ, ମୁଣ୍ଡ ଦିହ ଛିନ୍ନ ଭିନ୍ନ ହୋଇ କୁଆ କୁକୁରଙ୍କ ପେଟ ପୂରେଇବ । ଅଥଚ ଏଣେ ପୁଣି ତୁମର ମୋତେ ନେଇ ସେଠାରେ ପହଞ୍ଚିବା କଷ୍ଟକର ଓ କଷ୍ଟତର । ବଡ଼ ପଡାଉଠା ରାସ୍ତା, କଣ୍ଟାଝଣ୍ଟାରେ ଦୁର୍ଗମ, ବରଫ କାକରେ କଷ୍ଟକର । ତୁମେ ଖୁବ୍ ସମ୍ଭବ କରି ପାରିବ ନାହିଁ । ଖୁବ୍ ସମ୍ଭବ ତୁମେ ଆଉ ମୁଁ ସାଙ୍ଗ ହୋଇ ରସାତଳରେ ପଡ଼ି ବୁଡ଼ି ମରିବା ।

ଯେଉଁମାନେ ଜାତିକୁ ନ ଚଳେଇ, ତାକୁ ବାଟ ମଣେଇ ନବାରେ ସନ୍ତୁଷ୍ଟ ନ ହେଇ, ତାକୁ ଏକାବେଳେକେ ସେମାନଙ୍କ ଅସୁର କାନ୍ଧରେ ଉଠାଇ ନେବାପାଇଁ ଇଚ୍ଛା କରନ୍ତି । ସେମାନଙ୍କର ଏକ ଅବସ୍ଥା ହେବ, ନିଶ୍ଚୟ । ପୃଥିବୀର ଇତିହାସ ଏହାର ପ୍ରମାଣ । ଜର୍ମାନୀ ନାଁ ପୃଥିବୀର ଚାରିଆଡ଼େ ଡିବିଡିବି ବାଜିଥିଲା- କାହିଁକି ? ଜର୍ମାନୀର ବ୍ରିଟିଶ ବା ଫ୍ରେଞ୍ଚ ଜାତି ଭଳି ବଡ଼ ସାମ୍ରାଜ୍ୟ କେବେ ନ ଥିଲା । ଇଉରୋପ ଭିତରେ କେବଳ ସମ୍ରାଟ ଫ୍ରେଡ଼ିକ୍‌ଙ୍କ ଛଡ଼ା ବଡ଼ ଯୁଦ୍ଧରେ  କୌଣସି ଜର୍ମାନୀ ରାଜା ପଶି ନାହାନ୍ତି । ତଥାପି ଜର୍ମାନୀ ଥିଲା ବଡ଼ - ତା'ର ବିଜ୍ଞାନ, ତା'ର ସଙ୍ଗୀତ, ତା'ର ଦର୍ଶନ ହେତୁରୁ । ୱାଗନର, ସୋପେନହର, ଗେଟେ, ଇନ୍‌ଷ୍ଟେନ୍ ଇତ୍ୟାଦି ସମସ୍ତେ ଜର୍ମାନବାସୀ । ଏଇମାନଙ୍କ ହେତୁ ଜର୍ମାନୀ ହୋଇଥିଲା ବଡ଼ । ଜର୍ମାନୀ ଜାତିର ସମ୍ରାଜ୍ୟ ନ ଥିଲା ।

ତଥାପି ଜର୍ମାନୀ ଜାତି ପୂଜା ପାଉଥିଲା ସବୁଆଡ଼େ । ଜର୍ମାନୀ ବ୍ୟବସ୍ଥା କରୁଥିଲେ । ଜର୍ମାନୀ ଚିଜରେ ଲୋକଙ୍କର ବିଶ୍ୱାସ ଥିଲା । ତାଙ୍କ ଜିନିଷର କାଟତି ହେଉଥିଲା । ଧନ, ଜନ, ଯଶରେ ଜର୍ମାନୀ ଉଛୁଳି ପଡୁଥିଲା, ବିସମାର୍କଙ୍କୁ ଏ ଗୁଡ଼ାକୁ ଆଉ ଭଲ ଲାଗି ନାହିଁ । ତାଙ୍କର ଇଚ୍ଛା ହେଲା, ସେ ପୃଥିବୀବ୍ୟାପୀ ଗୋଟାଏ ଜର୍ମାନୀ ସାମ୍ରାଜ୍ୟ ବସାଇବେ । ସେ ଭାବିଥିଲେ, ଜର୍ମାନୀ ଜାତିର ମତିଗତି ଯାହା ହେଉ ପଛକେ ତାକୁ ଭାଙ୍ଗି, ତା'

ସ୍ଥାନରେ ବିଲାତି ଚାଲ ଚଳାଇବାକୁ ପଡ଼ିବ। ଏ ଜର୍ମାନୀ ଜାତିଟାକୁ ସଙ୍ଗିନ୍ ଶେଯରେ ବସାଇ ଜର୍ମାନୀ ଯୁଦ୍ଧ ରାକ୍ଷସଙ୍କ କାନ୍ଧରେ ସ୍ୱର୍ଗକୁ ପହଞ୍ଚେଇ ଦେବାକୁ ପଡ଼ିବ। ତା'ର ଫଳ ହେଲା- ଗଲା ଜର୍ମାନ ଯୁଦ୍ଧ ? ଜର୍ମାନୀର ଯାହାଥିଲା ସବୁ ଗଲା; ତଥାପି ରହି ଯାଇଥିଲା ଜର୍ମାନୀ ଜାତିର ମନୋବଳ ଓ ବୁଦ୍ଧିବଳ ପୁଣି ତା'ର ସାମ୍ରାଜ୍ୟ ଫେରେଇ ଆଣିଥା'ନ୍ତି; କିନ୍ତୁ ହିଟଲରଙ୍କ ତର ସହିଲା ନାହିଁ। ସେ ବର୍ଷକୁ ବର୍ଷ ଦେଖେଇ ଲାଗିଲେ ଯେ ଜର୍ମାନୀକୁ ତାଙ୍କରି କାନ୍ଧରେ ଉଠାଇ ନେବେ। ଜର୍ମାନୀର ମନ ବୁଦ୍ଧି ବିବେକ ବିବେଚନା ସବୁ ହିଟଲରଙ୍କ ପାଦତଳେ ବଳି ଦିଆଗଲା। ତାଙ୍କ ମୁହଁ ଭୁରୁଡି ଇଂରେଜ ଲୋକଙ୍କ ମୁହଁ ଭୁରୁଡ଼ିକୁ ବଳିଗଲା। ସାହିତ୍ୟ, ବିଜ୍ଞାନ, ଦର୍ଶନ ଓ ସଙ୍ଗୀତର ଜନ୍ମଭୂମି ବୋଲି ଜର୍ମାନୀ ଯେ ପରିମାଣରେ ସ୍ନେହ ଓ ସହାନୁଭୂତି ପୃଥିବୀରୁ ପାଉଥିଲା, ବର୍ତ୍ତମାନ ସେତିକି ପରିମାଣରେ ଭୟ ଓ ଘୃଣା ଜନ୍ମେଇଲା। ଜର୍ମାନୀର ଅସଲ ରାଜ୍ୟ- ମନୁଷ୍ୟ ସଭ୍ୟତାରେ ତା'ର ଉଚ୍ଚସ୍ଥାନ, ଯାଇଚି। ନିଆଁଗିଳାଙ୍କ ଭିତରେ ସେ କିଛିଦିନ ପାଇଁ ବଢେଇ କରିଥିଲା, ସେ ମଧ୍ୟ ଯିବା ଉପରେ ଜାତିକୁ ତା'ର ଚିରାଚରିତ ବାଟରେ, ତା'ର ଚିରାଚରିତ ସଭ୍ୟତାର ନୀତିରେ ଚଳେଇ ନବା ଦେଶନେତା ଓ ଦେଶସେବକର କର୍ତ୍ତବ୍ୟ। ଆମେ ବଟୁଆକୁ ଘୃଣା କରି, ବଟୁଆ ସଭ୍ୟତାକୁ ଘୃଣା କରି ଏ ଜାତିଟାକୁ ଉଠାଇ ପାରିବା ନାହିଁ। ପ୍ରାୟ ପଚ୍ଚଶବର୍ଷ ହେଲା ଏ ବଟୁଆକୁ ପୋଡ଼ି ଦେଇ ଏ ଜାତି ଉପରେ ଗୋଟାଏ ଏକାବେଳକେ ନୂଆ ଆଦର୍ଶ ଲଦି ଦେବାରେ ଚେଷ୍ଟା ଖୁବ୍ ଜୋରସୋରରେ ଲାଗିଛି; କିନ୍ତୁ ଦେଶ ସେଥିରେ କିଛି ଉପକାର ପାଇଛି କି ? ଆମେ ଗୋଟାଏ ଅଲଗା ପ୍ରଦେଶ ପାଇଛୁଁ, ସେ କେବଳ ସିନ୍ଧୁପ୍ରଦେଶର ଦୟାରୁ। ଆମ ଦେଶରେ କଂଗ୍ରେସ ସରକାର ବସି ପାରିଛି; କିନ୍ତୁ ତା' ଦ୍ୱାରା ଲୋକଙ୍କର ବଢ଼ି, ମରୁଡ଼ି ଦୁର୍ଭିକ୍ଷରୁ ବଞ୍ଚେଇବାର ଶକ୍ତି କେତେ ବଢ଼ିଛି ? ମୁଠାଏ ମୁଠାଏ ବେଶି ଦୁର୍ଭିକ୍ଷ ଚାଉଳ ବା ପୁଞ୍ଜେ ଛ'ଟା ବେଶି ତଗାବି ଟଙ୍କା ମିଳିବାର ସୁବିଧା ହୋଇ ପାରିଥାଏ; ସେ ମଧ୍ୟ ସ୍ଥାନେ ସ୍ଥାନେ ନୀତିଦୃଷ୍ଟିରେ। ଏଥିରେ ଲୋକଙ୍କର କି ବିଶେଷ ଉପାକର ହେଲା ବର୍ଷେ ମାସେ ଖଣ୍ଡେ ଟିକିଏ ଟେକା ପାଣି ଦବାଦ୍ୱାରା ଗରିବ ଓଡ଼ିଆ ଖାଁ ଖାଁ ପେଟ କେତେ ପୂରିବ ? ଲାଭ ଭିତରେ ହୋଇଛି ଯେ ଗରିବ ଓଡ଼ିଆର ସାମାନ୍ୟ ପୁଞ୍ଜିରୁ ଶହ ଶହ ଟଙ୍କା ଖର୍ଚ୍ଚ କରି, ଅସମ୍ଭବ ସିଦ୍ଧାନ୍ତରେ ପହଞ୍ଚିବା। ଥରେ ବଢ଼ିମାରଣ କମିଟି ବସାଇ କେତେଗୁଡ଼ିଏ ବିଲୁଆ ବିଚାର ହୋଇଥିଲା ଓ ଶେଷରେ ସିଦ୍ଧାନ୍ତ ହେଲା ଯେ ଏଗୁଡାକପାଇଁ ପଇସା ଲୋଡ଼ା; ପଇସା ଯେତେବେଳେ ନାହିଁ, ଏଗୁଡ଼ାକ କାମରେ ଆସି ପାରିବ ନାହିଁ। ସେଇ ପାଗୁଳି ଜିନିଷକୁ ଆଉଥରେ ପାଗୁଳିପାଇଁ ପୁଣି ଗୋଟାଏ ଦି'ଟା କମିଟି ବସିଲା, ପୁଣି ଚାଲିଲା ବିଲୁଆବିଚାର ସେଇ ପୁରୁଣା ନୀତିରେ; ଶେଷ କଥା ହେଲା ସେଇଆ- "ଏଥି ଲାଗି ଟଙ୍କା ଦରକାର ଆଉ ଟଙ୍କା ନାହିଁ।" ଆମର ନେତାମାନେ ଠିକ୍ କରି ନେଇ ସାରିଲେଣି ଯେ "ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ।" ପର ବୁଦ୍ଧି ଛଡ଼ା ଆଉ ବୁଦ୍ଧି ନାହିଁ, ପର ମାଇପ ଛଡ଼ା ଆଉ ମାଇପ ନାହିଁ- ଏଇ ହେଉଛି ଆମ ନୂଆ ବଟୁଆମରା ସଭ୍ୟତାର ନୀତି।

ଆମର ଉନ୍ନତି ହେଲା ନାହିଁ ? ଜାତିର ଉନ୍ନତି ଏ ଦଳର ରାଜୁତି ବା ସେ ଦଳର ରାଜୁତିରେ ହୁଏ ନାହିଁ। ପୁଞ୍ଜାଏ ଦି ପୁଞ୍ଜା ବଡ଼ବଡ଼ିଆଙ୍କ କଥାରେ ଓ ପାଟିରେ ଜାତି ଉପରକୁ ଉଠେ ନାହିଁ। ଓଡ଼ିଶାରେ କଂଗ୍ରେସ ଏତେ ଜୋର୍ ପ୍ରସାର ହେଇଚି। ତା'ର କାରଣ, କଂଗ୍ରେସ ଆଦର୍ଶ ଆମ ବଟୁଆ ଆଦର୍ଶ ସାଙ୍ଗରେ ମିଳିମିଶି ଯାଉଥିଲା ବୋଲି। ଓଡ଼ିଆ ଲୋକେ ଆଶା କରିଥିଲେ କଂଗ୍ରେସରେ ପଶିଲେ ପୁଣି ଆମ ବଟୁଆ ସଭ୍ୟତା ଫେରି ଆସିବ;

କିନ୍ତୁ ହେଲା କ'ଣ ? କଂଗ୍ରେସ ରାଜୁତି ଓଡ଼ିଶାର ଦୁର୍ନାମ ଥିଲା ଯେ ସେ ରାଜଭକ୍ତ ଅର୍ଥାତ୍ ରାଜଶକ୍ତିବାଲା ଲୋକମାନଙ୍କର ଭକ୍ତଭୂମି । ମୋଟ ଉପରେ ଆମେ ଅର୍ଥାତ୍ ହାମ୍‌ବଡା ଆଗଚଲାମାନେ ଯାହା ଥିଲୁଁ, ସେଇ ଅଛୁଁ, ଖାଲି ଗୋରା ହାକିମଙ୍କ ସ୍ଥାନରେ କଳା ହାକିମଙ୍କୁ ବସାଇ । ଏ ଯେବେ ସଭ୍ୟତା ହୁଏ, ସ୍ୱାଧୀନତା ହୁଏ, ତା'ହେଲେ ଅସଭ୍ୟତାରେ- କ'ଣ; ଆଉ ଗୋଲାମି କ'ଣ ଦଳଗତ ଶାସନରେ ଦଳର ନିୟମ କାନୁନ ମାନି ଚଳିବାକୁ ପଡ଼ିବ; କିନ୍ତୁ ଦଳର ନିୟମ କାନୁନ ମାନି ଚଳିବାକୁ ହେବ ବୋଲି ଆମର ପ୍ରକୃତି ଆମର ସଭ୍ୟତା, ଆମର ବୈଶିଷ୍ଟ୍ୟ ଆମେ ବାଦ୍ ଦବୁ କିଆଁ ? ଏ ଦୁଇଟି ଯାକ କଥା- ଦଳର ଶାସନ ଆମର ଏକଶିଙ୍ଘିଆ ପଣ, ଦୁଇଟା ଯାକ ଭାଇବୋହୂ ଦେଢ଼ଶୂର ନୁହନ୍ତି । ଆକାଶ ନ ହେଲେ ପାତାଳ ହେବ, କଳା ନ ହେଲେ ଧଳା ହବ, ଗୋରୀ ନ ହେଲେ କାଳୀ ହବ; ରାଣୀ ନ ହେଲେ କାଣୀ ହବ- ଏପରି ଭାବିବାଠାରୁ ବଳି ବଡ଼ ଅନ୍ଧାମି ଜଗତରେ ଆଉ କ'ଣ ଅଛି ?

କଂଗ୍ରେସ ଦଳ ଅଛି, କଂଗ୍ରେସ ଦଳର ରାଜୁତି ଅଛି ଓ ଚିରଦିନ କାଏମ୍ ରହୁ, ବେ-କଂଗ୍ରେସ ଦଳ ଅଛି, ସେମାନେ ରହିବେ ଓ ରହନ୍ତୁ । କଂଗ୍ରେସବାଲାମାନେ ଓ ଅନ୍ୟାନ୍ୟ ଦଳର ଲୋକମାନେ, ଦଳର ମର୍ଯ୍ୟାଦା ଓ ଶାସନ ମାନି ଚଳନ୍ତୁ; ତା' ବୋଲି ଜାତିର ବୈଶିଷ୍ଟ୍ୟ, ଆମ ଜାତିର ବାହାଦୁରି, କାରିଗର, ଆମେ ପଛକୁ ପକାଇ ଦବୁ କାହିଁକି ? ଗୋଟାଏ ଜାତିକୁ ପୋଡ଼ି ଜାଳି, ଗୋଟାଏ ଆଧର୍ଶର ପୂଜାରେ ବଳି ଦବୁ କାହିଁକି । ଓଡ଼ିଶା ଚିରଦିନ ଓଡ଼ିଶା ରହିବ । ଯାର ମହାନଦୀ ମହାଭାରତୀୟ ପବନରେ ପୋତି ହୋଇଯିବ ନାହିଁ; ଯାର ସମୁଦ୍ର ଓ୍ୟାର୍ଦ୍ଧାର ଗରମ ପବନରେ ଶୁଖି ଯିବ ନାହିଁ; ଯାର ମେଘାସନୀ ସିମଳାର ଗୁରୁ ଗର୍ଜନରେ ଭାଙ୍ଗି ଚୂନା ହୋଇଯିବା ନାହିଁ । ମହାଭାରତୀୟ ପ୍ରେମରେ ଓଡ଼ିଆର ଭୋକିଲା ପେଟ ଭରିଯିବ ନାହିଁ । ଓଡ଼ିଶାର ଅଭାବ, ଓଡ଼ିଶାର ସୁଖଦୁଃଖରେ ସୀମା ଓ ପରିସର, ଓଡ଼ିଆର ହାରିଗୁହାରି ବୁଝି ଭଲ କରି ମନ ଭିତରେ ପୁରେଇ, ଓଡ଼ିଆର ବୈଶିଷ୍ଟ୍ୟ ଦିଗରୁ ସେ ସବୁର ସମାଧାନ ଓଡ଼ିଆ ନେତାମାନଙ୍କର କରିବା ଧର୍ମ । ଓଡ଼ିଆକୁ ପରଭଙ୍ଗା ପାନ ଲାଗେ ନାହିଁ । ଏ ପର୍ଯ୍ୟନ୍ତ ମଧ୍ୟ ମଫସଲରେ ଓଡ଼ିଆ ଘରକୁ ଅତିଥି ଗଲେ, ଓଡ଼ିଆ ଅଣଓଡ଼ିଆ ବାଈଙ୍କ ଭଳି ଟିକିଏ ଚୂନ, ନିଖିଏ ଗୁଆ ଦେଇ ଚେପଟା ପାନ ଖଣ୍ଡେ ଲବଙ୍ଗ ମାରି ଆନି ଦିଏ ନାହିଁ । ସେ ଆଣି ଥୋଇ ଦିଏ ବଟୁଆ ବା ତା' ପାନପେଡ଼ି । ପାନ ଅଛି, ଗୁଆ ଅଛି, ଗୁଣ୍ଡି ଅଛି, ଚୂନ ଖଇର ଜାଇଫଳ ଅଳେଇଚ ସବୁ ଅଛି; ଅତିଥି ତା'ର ମନ ମାଫିକା, ତା' ରୁଚି ମୁତାବକ ପାନ ଭାଙ୍ଗିବ, ଖାଇବ । ମୋ ଘରକୁ ଅତିଥି ଆସିଲେ ମୁଁ ଯେପରି ମୋର ରୁଚି ଓ ମନ ତା' ଉପରେ ଲଦି ନାହିଁ; ମୁଁ କାହାଘରକୁ ଗଲେ, ମୋର ରୁଚି ଓ ମନ ମୁଁ କାହାରି ପାଇଁ ବଳି ଦେଇ ପାରିବି ନାହିଁ- ଏଇ ହେଲା ବାଟୁଆର ଶିକ୍ଷା, ଏଇ ହେଲା ଅସଲ ଡିମୋକ୍ରାସି, ପ୍ରଜାତନ୍ତ୍ର ବା ଗଣତନ୍ତ୍ର । ଓଡ଼ିଆର ବଟୁଆ କହେ ପ୍ରଜାର ଶାସନ ପ୍ରଜାର ହିତପାଇଁ, ପ୍ରଜାର ବୈଶିଷ୍ଟ୍ୟ ରକ୍ଷା ପାଇଁ । ପାଞ୍ଚଟା ସାତଟା ଶାସକ ଗୋଷ୍ଠୀ ପ୍ରଜାର ସ୍ୱାଧୀନତାପାଇଁ ନୁହେଁ, ନିଜର ହିତ ଓ ନିଜର ସ୍ୱାଧୀନତା ଡୁବେଇ ଦେବା ହେଲା ପ୍ରଜାତନ୍ତ୍ର ଶାସନର ମୂଳ ଅସଲ ମନ୍ତ୍ର, ଦେଶ ନେତାର ପ୍ରଧାନ ଓ ପ୍ରଥମ ଖୁଣ; କିନ୍ତୁ ଆଜିକାଲି ହଉଚି କ'ଣ ? ହିଟ୍‌ଲରୀ ଜର୍ମାନୀ, ଷ୍ଟାଲିନ୍ ଋଷିଆ, ମୁସୋଲିନୀ ଇଟାଲି ଓ ଜାତୀୟ ଭାରତବର୍ଷରେ ପ୍ରଜାଶାସକମାନେ, ନେତାର ଖିଆଲପାଇଁ ପ୍ରଜାର ରୁଚି ବୈଶିଷ୍ଟ୍ୟ ଓ ସ୍ୱାଧୀନତା ଶ୍ରଦ୍ଧା, ଶାସନର ଉନ୍ନତି ପାଇଁ, ପ୍ରଜାର ହିତ ଓ ମଙ୍ଗଳର ତିଳତର୍ପଣ; ଜଳତର୍ପଣ ଓ ଶେଷରେ ବିସର୍ଜନ । ଏତ ଡିମୋକ୍ରାସି ନୁହେଁ, ପ୍ରଜାତନ୍ତ୍ର ନୁହେଁ, ବରଂ ଡେମନ କ୍ରାସି, ପ୍ରଜାମାରଣ ଯନ୍ତ୍ର ବା ପ୍ରଜାଭୁଲାଣିଆ ମନ୍ତ୍ର ମାତ୍ର ।

ଆଉ ଏଣିକି ବେଶି କହିବି ନାହିଁ। 'କହିବି ନାହିଁ, କହିଲେ ଏ ଘରେ ରହିବି ନାହିଁ।' ଏ କଡ଼ା ବାଙ୍ଗ ବାଜି ଯେବେ ତୁମର ଚେତା ନ ହେଲା, ତା' ତୁମର ଚେତା କେବେ ହବ ନାହିଁ। ତୁମେ ତୁମ ନିଜମନକୁ ଡେଙ୍ଗୁରା ପିଟି ପାର ଯେ ଆମେ ବଡ଼ କାମ କରୁଛୁଁ ଆମର ମୁଣ୍ଡ, ଆମ ମଝି, ଆମର ଗୋଡ଼ ସବୁ ବଡ଼; କିନ୍ତୁ ସଂସାର ତୁମର ଏ ଡେଙ୍ଗୁରା ପିଟାରେ ଭୁଲିବ ନାହିଁ। ତୁମେ କେତେଟା ଲୋକଙ୍କୁ କିଛି ସମୟପାଇଁ ବୋକା ବନେଇ ପାର; କିନ୍ତୁ ସବୁ ଲୋକଙ୍କୁ ସବୁ ସମୟପାଇଁ ବୋକା ବନେଇ ପାରିବ ନାହିଁ। ହିଟ୍‌ଲାର କିଛିଦିନ ପାଇଁ ଜର୍ମାନୀ ଲୋକଙ୍କୁ ବୋକା ବନେଇ ଥିଲେ କୁହୁକ ମନ୍ତ୍ରରେ, ଏବେ ଘରେ ଅନ୍ଦର ମଲରେ ପଡୁଚି ବୋମା। ତୁମେ ଇଲାଗେ ଲୋକଙ୍କୁ ଠକି ଦେଇ ପାର; କିନ୍ତୁ ବେଳ ଆସିବ- ବେଶି ଡେରି ନାହିଁ- ଯେତେବେଳେ ତୁମ ଅନ୍ଦର ମହଲରେ ବୋମା ପଡ଼ିବ, ସେତେବେଳେ ଆଲୋ ମାଲୋ, ମରିଗଲି ଲୋ, ବୋଲି ଡାକ ଛାଡି ଆକାଶ ଫଟେଇଲେ ମଧ କେହି ଶୁଣିବେ ନାହିଁ; କେହି ଟିକିଏ ଅଣ ହେଜରେ ବି ତୁମକୁ ଋହିଁବେ ନାହିଁ।

ପର ଲାଙ୍ଗୁଡ଼ଧରା ବଡ଼ଲୋକ ବଡ଼ଲୋକି ନୁହେଁ, ସେ ଗୋଲାମର ଗୋଲାମି ମାତ୍ର। ଯଦି ପ୍ରକୃତରେ ଏ ଦେଶର, ଏ ଜାତିର ଏ ବିଶ୍ୱ ସଭ୍ୟତାର କିଛି କାମ କରି ତୁମର ନାଁ ଅମର ଅକ୍ଷରରେ ଲେଖି ଦେବାକୁ ଇଚ୍ଛା କର, ତା' ହେଲେ ନିଜ ବଟୁଆଟି ଧରି ନିଜ ବାଟ ନିଜ ଗୋଡ଼ରେ ଋଲ। ଏଣିକି ତେଣିକି ଋହିଁ ଯେ ଋଲେ ସେ ବାଟ ଜାଣେ ନାହିଁ; ସେ ନିଶ୍ଚେ ବାଟ ଭୁଲିବ। ଯେ ବାଟ ଜାଣେ, ଯାହାର ଲକ୍ଷ୍ୟ ଠିକ୍ ସେ ତା' ରାସ୍ତାରେ ଚାଲିବ। ସେ ରାସ୍ତା ଅନ୍ୟକୁ ଅସୁନ୍ଦର ଦିଶି ପାରେ, ଅନ୍ୟ ନାକ ଟେକି ପାର, ରାଗି ପାରେ, ଥଟ୍ଟା ପରିହାସ କରି ପାରେ; କି ଯାଏ ଆସେ ସେଥିରେ ? ମୋର ବାଟ ଏ, ଏ ବାଟରେ ମୁଁ ଯିବି। ସେଥିରେ ଯେବେ ମୁଁ ଲକ୍ଷ୍ୟ ସ୍ଥାନରେ ନ ପହଞ୍ଚି ପାରେ, ତା' ହେଲେ ମଧ ମୋର ଗୌରବ ଓ ଜାତିର ଉନ୍ନତି। ଆଉ କ'ଣ କହିବି ? ଖାଲି ଏତିକି।

He either fears his fate too much
Or his deserts are small.
That dares not put it to the touch
To gain or lose it all.
ଇଂରେଜି କିଆଁ ? ତୁମେକି ଦେଶୀ କି ?

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

(କ) ଏକ ସଫଳ ରମ୍ୟରଚନା ଭାବରେ ବଟୁଆ ର ମୂଲ୍ୟାଙ୍କନ କର ।

(ଖ) ପ୍ରାବନ୍ଧିକ ବଟୁଆର କିପରି ପରିଚୟ ପ୍ରଦାନ କରିଛନ୍ତି, ଆଲୋଚନା କର ।

(ଗ) 'ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଜଣେ ସଚେତନ ଗଦ୍ୟଶିଳ୍ପୀ'- ବଟୁଆ ରମ୍ୟରଚନାରୁ ଏହାର ସତ୍ୟତା ପ୍ରତିପାଦନ କର ।

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ବଟୁଆକୁ କାହିଁକି ଓଡିଶାର ପ୍ରାଣ ବୋଲି ପ୍ରାବନ୍ଧିକ କହିଛନ୍ତି ।

(ଖ) ବଟୁଆରେ କ'ଣ କ'ଣ ରହିଥିଲା ?

(ଗ) ହ୍ୟାଣ୍ଡବ୍ୟାଗର ବ୍ୟବହାର କିଭଳି ହୋଇଥାଏ ।

(ଘ) ତୁମର ଆଖି ଅଛି, ସେ ଖେଳ କଣ୍ଢେଇ ଆଖି । ତୁମର ବୁଦ୍ଧି ଅଛି, ସେ କାଉଁରୀ ମନ୍ତଭୁଲା ବୁଦ୍ଧି-ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ।

## ୩.୮ ସହାୟକ ଗ୍ରନ୍ଥସୂଚୀ


- କବି, ଡଃ ଅସିତ - ଓଡିଆ ପ୍ରବନ୍ଧ ସାହିତ୍ୟର ଇତିହାସ, ଗ୍ରନ୍ଥମନ୍ଦିର, କଟକ ସଂସ୍କରଣ-୨୦୧୧ ।
- ମହାରଣା, ଡଃ ସୁରେନ୍ଦ୍ର କୁମାର - ଓଡିଆ ସାହିତ୍ୟର ଇତିହାସ, ଓଡିଶା ବୁକ ଷ୍ଟୋର କଟକ, ସଂସ୍କରଣ- ୨୦୧୫
- ସାହୁ, ପ୍ରଫେସର ନାରାୟଣ, ଡଃ ଶ୍ରୀକାନ୍ତ କୁମାର ବାରିକ-ରମ୍ୟରଚନା ଚିନ୍ମୟ ପ୍ରକାଶନ, କଟକ ୧ମ ସଂସ୍କରଣ- ୨୦୧୯ ।
- ପ୍ରଧାନ, ପ୍ରଫେସର କୃଷ୍ଣଚନ୍ଦ୍ର - ପ୍ରବନ୍ଧ ଗୌରବ, ସତ୍ୟନାରାୟଣ ବୁକଷ୍ଟୋର, କଟକ, ୧ମ ସଂସ୍କରଣ - ୨୦୧୬

# ଚତୁର୍ଥ ଏକକ : ସାଧୁସଙ୍ଗ - ଡଃ ଚଉଧୁରୀ ହେମକାନ୍ତ ମିଶ୍ର

**ବିଷୟର ଗଠନ :**


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ପ୍ରାବନ୍ଧିକ ଡଃ ଚଉଧୁରୀ ହେମକାନ୍ତ ମିଶ୍ର

୪.୫ ଓଡ଼ିଆ ରମ୍ୟରଚନାରେ 'ସାଧୁସଙ୍ଗ'

୪.୬ ରମ୍ୟରଚନା 'ସାଧୁସଙ୍ଗ'ର ମୂଳପାଠ

୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୮ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟରେ ରମ୍ୟରଚନା ଅର୍ବାଚୀନ ସାହିତ୍ୟର ଏକ ଗଦ୍ୟାତ୍ମକ ରଚନା ହେଲେ ହେଁ ଅନ୍ୟାନ୍ୟ ବିଭାଗ ଠାରୁ ଏହାର ଆବେଦନ ସାଂପ୍ରତିକ ଯୁଗରେ ଅଧିକ । ହାସ୍ୟ ଲାଳିତ୍ୟ ମଧ୍ୟରେ ସମାଜ ସଂସ୍କାର ମନୋଭାବ ଏହି ବିଭାଗକୁ ଅଧିକ ପ୍ରାଣବନ୍ତ କରିପାରିଛି । ଓଡ଼ିଆ ରମ୍ୟରଚନାର ବିକାଶଧାରାରେ ଗଦ୍ୟଶିଳ୍ପୀ ଚୈଧୁରୀ ହେମକାନ୍ତ ମିଶ୍ର ପୂର୍ବସୂରୀଙ୍କ ଶୈଳୀରେ ପ୍ରବନ୍ଧ, କ୍ଷୁଦ୍ରଗଳ୍ପ ରଚନା କରି ସ୍ୱୀୟ ପ୍ରତିଭାର ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ରମ୍ୟରଚନାର ସାର୍ବଜନୀନ ଆବେଦନକୁ ପ୍ରକାଶ କରିବାରେ ସଫଳ ହୋଇପାରିଛନ୍ତି। ତାଙ୍କ ରମ୍ୟରଚନାଗୁଡ଼ିକରୁ ବ୍ୟଙ୍ଗୋକ୍ତି ମାଧ୍ୟମରେ ପାଠକ ଆନନ୍ଦ ଲାଭ କରିବା ସହିତ ସଚେତନ ହୋଇପାରିଥାଏ। ତାଙ୍କ ରଚିତ ଲଳିତ ନିବନ୍ଧଗୁଡ଼ିକରେ ରମ୍ୟରଚନାର ସକଳ ବୈଶିଷ୍ଟ୍ୟ ଅନୁଭୂତ ହୋଇଥାଏ । ଏହି ଏକକରେ ପ୍ରାବନ୍ଧିକ ଚୈଧୁରୀ ହେମକାନ୍ତ ମିଶ୍ର ଏବଂ ତାଙ୍କ ରଚିତ 'ସାଧୁସଙ୍ଗ' ରମ୍ୟରଚନା ସଂପର୍କରେ ଜାଣି ପାରିବା ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନ ଲିଖିତ ଜ୍ଞାନ ଆହରଣ କରିପାରିବେ -

- ଓଡ଼ିଆ ଗଦ୍ୟ ସାହିତ୍ୟରେ ରମ୍ୟରଚନାର ପ୍ରାସଙ୍ଗିକତା
- ରମ୍ୟରଚନା ସାଧୁସଙ୍ଗର ଆଭିମୁଖ୍ୟ
- ପ୍ରାବନ୍ଧିକ ଚୈଧୁରୀ ହେମକାନ୍ତ ମିଶ୍ରଙ୍କ ଗଦ୍ୟଶୈଳୀ

## ୪.୩ ବିଷୟ ପ୍ରବେଶ

ଓଡ଼ିଆ ଗଦ୍ୟ ସାହିତ୍ୟ କ୍ଷେତ୍ରରେ  ସାହିତ୍ୟିକ ଚୌଧୁରୀ ହେମକାନ୍ତ ମିଶ୍ର ହେଉଛନ୍ତି ଜଣେ ବରେଣ୍ୟ ଗଦ୍ୟ ଲେଖକ । ସେ ଅନେକ ଗ୍ରନ୍ଥ ଅନୁବାଦ କରି ଜଣେ ସଫଳ ଅନୁବାଦକ ଭାବରେ ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଅଧ୍ୟାପକ ଭାବରେ କର୍ମ ଜୀବନ ଅତିବାହିତ କରି କଲେଜରେ ଅଧ୍ୟକ୍ଷତା କରି ପ୍ରଶାସନିକ କାର୍ଯ୍ୟ ତୁଲାଇଛନ୍ତି । ଜଣେ କାର୍ଟୁନିଷ୍ଟ ଭାବରେ ତୂଳୀର ଯାଦୁକାରୀ ସ୍ପର୍ଶରେ କଳାର ପାଟବତା ପ୍ରଦର୍ଶନ କରିଯାଇଛନ୍ତି । ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ପରିଦୃଷ୍ଟ ବିଚ୍ୟୁତିକୁ ସେ ଶ୍ଳେଷାତ୍ମକ ସ୍ୱରରେ ସମାଲୋଚନା କରିଛନ୍ତି । ଲଘୁ ହାସ୍ୟରସ ସହିତ ସାର୍ଥକ ବ୍ୟଙ୍ଗ ପ୍ରୟୋଗ କରି ସେ ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି । ରମ୍ୟରଚନାରେ ହାସ୍ୟ ବ୍ୟଙ୍ଗାତ୍ମକ ଶୈଳୀ ପ୍ରୟୋଗ କରି ସମାଜ ସଂସ୍କାର କରିବା ପାଇଁ ପ୍ରୟାସ କରିଛନ୍ତି, ସେସବୁ ପ୍ରସଙ୍ଗ ତାଙ୍କ ରଚିତ 'ସାଧୁସଙ୍ଗ' ଲଳିତ ନିବନ୍ଧରେ ବିଶଦ୍ ଭାବରେ ଉପଲବ୍ଧ ହୋଇଥାଏ ।

## ୪.୪ ପ୍ରାବନ୍ଧିକ ଡଃ ଚଉଧୁରୀ ହେମକାନ୍ତ ମିଶ୍ର

ଓଡ଼ିଆ ଗଦ୍ୟ ସାହିତ୍ୟ କ୍ରମରେ ଚଉଧୁରୀ ହେମକାନ୍ତ ମିଶ୍ର ଜଣେ ସ୍ୱନାମଧନ୍ୟ ଗଦ୍ୟଶିଳ୍ପୀ । ହାସ୍ୟ ବ୍ୟଙ୍ଗ ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ରସାଣିତ କରିଛନ୍ତି । ଏହି ସାରସ୍ୱତ ସାଧକ ୧୯୩୪ ମସିହା ଏପ୍ରିଲ ତେର ତାରିଖରେ କଟକ ଜିଲ୍ଲାର ଭେଡ଼ାଗାଁର ସାମନ୍ତ ପରିବାରରେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତାଙ୍କ ନାମ ହେଉଛି ଜମିଦାର ରାଧାନାଥ ମିଶ୍ର । ସେ ମନୋବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । "ତାଙ୍କର ରଚନାଗୁଡ଼ିକ ହାସ୍ୟ ରସାତ୍ମକ । ଖୁବ୍ ସାମାନ୍ୟ ବିଷୟଟିକୁ ସେ ତାଙ୍କର ଅପୂର୍ବ ହାସ୍ୟୋଦ୍ଦୀପକ ବର୍ଣ୍ଣନା ପାଟବତାରେ ଅସମାନ୍ୟ କରି ଦିଅନ୍ତି । ତିଳକୁ ତାଳ କରି ଓ ତାଳକୁ ତିଳ କରି ନିଛକ ହାସ୍ୟ ପରିବେଷଣ କରିବା ସଙ୍ଗେ ସଙ୍ଗେ ପରୋକ୍ଷ ଭାବେ ସେ ଆମ ଅବଚେତନର କେତେକ ଦ୍ୱାର ଖୋଲି ଦେଇ ଆମକୁ ହସାଇ ହସାଇ ଲୋକହସା ବି କରି ଦିଅନ୍ତି ।" ( ଆମ କଥା ସାହିତ୍ୟର କଥା ଓ ରମ୍ୟରଚନା - ମହାପାତ୍ର ନୀଳମଣି ସାହୁ, ପୃ. ୧୨୫) ସେ ଏକାଧାରରେ ଜଣେ ବିଶିଷ୍ଟ ବ୍ୟଙ୍ଗ କଥାକାର, ପ୍ରାବନ୍ଧିକ, ଅନୁବାଦକ, କାର୍ଟୁନିଷ୍ଟ ତଥା ଭାଷା ବିଜ୍ଞାନୀ । ସେ 'ତାସଘର', 'କନ୍ନଡ଼ କଥାମାଳା', 'କବି' ଇତ୍ୟାଦି ପୁସ୍ତକର ଅନୁବାଦକ । ବିଷ୍ଣୁ ପ୍ରଭାକରଙ୍କ 'ଆୱାରା ମସିହା'ର ଓଡ଼ିଆ ଅନୁବାଦ 'ବାରବୁଲା ଦେବଦୂତ' ଗ୍ରନ୍ଥ ପାଇଁ ୨୦୦୪ ବର୍ଷର କେନ୍ଦ୍ର ସାହିତ୍ୟ ଏକାଡେମୀ  ପୁରସ୍କାର ଲାଭ କରିଛନ୍ତି । ତାଙ୍କର ଅନୂଦିତ ଗ୍ରନ୍ଥଗୁଡ଼ିକ ସୁଖପାଠ୍ୟ ଓ ହୃଦୟସ୍ପର୍ଶୀ ।

ଗଦ୍ୟ ରଚନାରେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଦେଖା ଦେଉଥିବା ତ୍ରୁଟି ବିଚ୍ୟୁତିକୁ ତୀବ୍ର ଭାବରେ ଶାଣିତ ବ୍ୟଙ୍ଗରେ କଟାକ୍ଷ କରିଛନ୍ତି । ପ୍ରାବନ୍ଧିକ ହାସ୍ୟର ମହତ୍ତ୍ୱ ପ୍ରତିପାଦିତ କରି ଯଥାର୍ଥରେ କହିଛନ୍ତି - "ଯେଉଁ ସମାଜ ହାସ୍ୟର ଗୁରୁତ୍ୱ ବୁଝିଛି, ଯାହାର ପାଠ୍ୟକ୍ରମ, ସଭା ସମିତି ପୁସ୍ତକ ଓ ପତ୍ରିକା ହାସ୍ୟ ରସରେ ଭରପୁର, ସେଠାରେ ଅବା ଶାଶ୍ୱତ ସୃଷ୍ଟି ହେବା ସମ୍ଭବ ବା ହୋଇଛି । ଯେଉଁଠି ହାସ୍ୟକୁ ସହ୍ୟ କରିବାର ଅନିଚ୍ଛା ରହିଛି, ହାସ୍ୟ ପ୍ରତି କୋକୁଆ ଭୟର ବାତାବରଣ ରହିଛି, ଅବହେଳା ଓ ହେୟଜ୍ଞାନ ହିଁ ହାସ୍ୟ ଲାଗି ଗଚ୍ଛିତ ହୋଇଛି, ସେଠାରେ ହୁଏତ ରସୋତ୍ତୀର୍ଣ୍ଣ ଶାଶ୍ୱତ ହାସ୍ୟ ସୃଷ୍ଟି ଅତ୍ୟନ୍ତ କଠିନ ।" (ହାସ୍ୟାବତରଣ କିଛି ମୁକ୍ତଚିନ୍ତା ଓ କିଞ୍ଚିତ ଧାରା ବିବରଣୀ  - ଚୌଧୁରୀ ହେମକାନ୍ତ ମିଶ୍ର, ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ, ହାସ୍ୟରସ, ପ୍ରଥମ

ଭାଗ, ପୃ.୧୩ ) "ସେ ବହୁ ହାସ୍ୟ ରସାତ୍ମକ ରମ୍ୟରଚନାର ଲେଖକ । ଭାଷାଶୈଳୀକୁ ଜାଣିଜାଣି ଅଯଥା ଜଟିଳ କରି ଓ ଖୁବ ଗୁରୁ ଗମ୍ଭୀର ସାଧୁ ଶବ୍ଦମାନ ବ୍ୟବହାର କରି ସତେକି ସେ ଖୁବ୍ ବଡ଼ ଗୋଟାଏ ତତ୍ତ୍ୱ ବଖାଣିବାକୁ ଯାଉଛନ୍ତି - ଏହିପରି କହିବେ ; ଏବଂ ତାହାହିଁ ହାସ୍ୟ ସୃଷ୍ଟିକରି ପାଠକକୁ ଏକ ଅପୂର୍ବ ଆମୋଦ ଦାନ କରିଥାଏ।" (ଆମ କଥା ସାହିତ୍ୟର କଥା ଓ ରମ୍ୟରଚନା - ମହାପାତ୍ର ନୀଳମଣି ସାହୁ, ପୃ. ୧୨୫)

ତାଙ୍କ ରଚିତ ବ୍ୟଙ୍ଗାତ୍ମକ ସୃଷ୍ଟିଗୁଡ଼ିକ ହେଲା - ଅଘଟଣ ସଙ୍କଳନ, ହସକୁରା କଥାମାନ, ନିଷିଦ୍ଧ ପୁସ୍ତକ, କୁରୁଳିଆ ଗଳ୍ପ, ହେମକାନ୍ତଙ୍କ ହସଗୋଲା, ହାସ ପରିହାସ, ଶ୍ରେଷ୍ଠ ବ୍ୟଙ୍ଗ ସଙ୍କଳନ, ଚୌଧୁରୀ ହେମକାନ୍ତଙ୍କ ଶ୍ରେଷ୍ଠଗଳ୍ପ ଇତ୍ୟାଦି । ତାଙ୍କ ରଚିତ 'ଭାଷା ପରୀକ୍ଷଣ' ହେଉଛି ଭାଷା ବିଜ୍ଞାନ ସମ୍ପର୍କୀୟ ଏକ ଉପାଦେୟ ଗ୍ରନ୍ଥ। ତାଙ୍କର 'ଅଘଟଣ ସଙ୍କଳନ'ରେ ସ୍ଥାନିତ ସ୍ୱନାମ ଧନ୍ୟ, ଅଲୌକିକ, ଧାତବ ସନ୍ତୋଷ ଯାତ୍ରା, ସାଧୁସଙ୍ଗ, ପ୍ରସଙ୍ଗକ୍ରମେ ମର୍କଟତ୍ରୟୀ ପ୍ରଭୃତି ପ୍ରଭୃତି ରମ୍ୟରଚନା ଓଡ଼ିଆ ସାହିତ୍ୟରେ ଅଧିକ ଜନପ୍ରିୟ ହୋଇପାରିଛି।

ସେ 'ତରଙ୍ଗ' ପତ୍ରିକାର ସଂପାଦନା କାର୍ଯ୍ୟରେ ମଧ୍ୟ କିଛିକାଳ ଜଡ଼ିତ ଥିଲେ । ଆଜମୀର କଲେଜରେ ଅଧକ୍ଷତା କରି ନିଜର ପ୍ରଶାସନିକ ଦକ୍ଷତାର ପରିଚୟ ପ୍ରଦାନ କରିଛନ୍ତି । ସେ ପୁଣି ଜଣେ ବିଶିଷ୍ଟ କାର୍ଟୁନିଷ୍ଟ ଭାବରେ ବେଶ୍ ଜଣାଶୁଣା । ଦିଲ୍ଲୀର ଜାତୀୟ ଶିକ୍ଷା ଓ ଗବେଷଣା ତାଲିମ ପ୍ରତିଷ୍ଠାନରୁ ବିଭାଗ ମୁଖ୍ୟ ଭାବେ ସେ ଅବସର ଗ୍ରହଣ କରିଛନ୍ତି । ସେ ଜଣେ ସଫଳ ହାସ୍ୟ ବ୍ୟଙ୍ଗ କଥାକାର ମଧ୍ୟ । ହାସ୍ୟରସ ମାଧ୍ୟମରେ ସମାଜ ସଂସ୍କାର କରିବା ସହିତ ଗଠନ ମୂଳକ ପରାମର୍ଶ ଦେବା ତାଙ୍କର ଉଦ୍ଦେଶ୍ୟ - ଅଧାପକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଚୌଧୁରୀ ହେମକାନ୍ତ ମିଶ୍ରଙ୍କ ସାହିତ୍ୟର ସ୍ୱରୂପ ଉଦ୍‌ଘାଟନ କରି ଲେଖିଛନ୍ତି - "ଜଣେ ନିପୁଣ ଗଳ୍ପକାର ଓ ବ୍ୟଙ୍ଗ ବିଦ୍ରୂପ ରସ ସ୍ରଷ୍ଟା ରୂପେ ଚୌଧୁରୀ ହେମକାନ୍ତ ମିଶ୍ର ଅତ୍ୟାଧୁନିକ କାଳରେ ଯଥେଷ୍ଟ ଖ୍ୟାତି ଲାଭ କରିଛନ୍ତି । ତାଙ୍କ କଥାଶିଳ୍ପ ମଧ୍ୟରେ ସେ ଆଧୁନିକ ଲୋକ ଜୀବନ, ସମାଜ ଓ ଶାସନର ବ୍ୟଙ୍ଗ ବିଦ୍ରୂପପୂର୍ଣ୍ଣ ସରସ ସମାଲୋଚନାତ୍ମକ ଚିତ୍ର ଉପସ୍ଥାପନ କରି ପାଠକର ମନୋହରଣ କରିବା ସଙ୍ଗେ ସଙ୍ଗେ ସଂଶୋଧନ ଓ ସଂସ୍କାରର ମର୍ମଭେଦୀ ଏବଂ ସୁଦୂରପ୍ରସାରୀ ଇଙ୍ଗିତ ଦେଇଥାନ୍ତି । ମାତ୍ର ସମାଲୋଚନାରେ କ୍ରୂରତା ଅପେକ୍ଷା ବହମାନ ହାସ୍ୟ ଓ ବ୍ୟଙ୍ଗ ରସର ଝରଣାରେ ପାଠକ ବିମୋହିତ ହୋଇଥାଏ ।" ( ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ପୃ.୨୪୪) ବ୍ୟଙ୍ଗାତ୍ମକ ଶୈଳୀରେ ରଚିତ ଲେଖକଙ୍କ ଅନ୍ୟ ଦୁଇଗୋଟି ପୁସ୍ତକ ହେଲା - 'ପୂରାପ୍ୟାଣ୍ଟ ଓ ଅନ୍ୟାନ୍ୟ ମଜାଗପ' ଏବଂ 'ତେରଛା ଗପ' । ପ୍ରାବନ୍ଧିକ ଶ୍ରୀଯୁକ୍ତ ମିଶ୍ର ୧୯୬୨ ମସିହା ନଭେମ୍ବର ନଅ ତାରିଖରେ ଏଇ ଭବ ସଂସାରରୁ ଚିର ବିଦାୟ ନେଇଥିଲେ।

## ୪.୫ ଓଡ଼ିଆ ରମ୍ୟରଚନାରେ 'ସାଧୁସଙ୍ଗ'

ଓଡିଆ ଗଦ୍ୟ ସାହିତ୍ୟରେ ପ୍ରବନ୍ଧର ପ୍ରଭାବଶାଳୀ ଧାରାରେ ରମ୍ୟରଚନା ଅଧିକ ଲୋକପ୍ରିୟ ହୋଇ ପାରିଛି । ଏହା ହାସ୍ୟଧର୍ମୀତା ଓ ବ୍ୟଙ୍ଗଧର୍ମୀତା ମାଧ୍ୟମରେ ଲଘୁଶୈଳୀରେ ରଚନା କରାଯାଇଥାଏ । ବୌଦ୍ଧିକ ଚତୁର୍ଯ୍ୟକୁ ମଧ୍ୟ କଟାକ୍ଷ କରି ଜନସାଧାରଣଙ୍କୁ ସଚେତନ କରାଯାଇଥାଏ । ସମାଜ ସଂସ୍କାର ଆଭିମୁଖ୍ୟ ନେଇ ଲେଖକ ନିଜର ରଚନାକୁ ଉପସ୍ଥାପନା କରିଥାନ୍ତି । ଓଡିଆ ସାହିତ୍ୟରେ ଏଇ ଧରଣର ଶୈଳୀରେ ଫକୀରମୋହନ ସେନାପତି, ଗୋପାଳ ଚନ୍ଦ୍ର ପ୍ରହରାଜ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ମହାପାତ୍ର

ନୀଳମଣି ସାହୁ, ଭୁବନେଶ୍ୱର ବେହେରା ପ୍ରମୁଖ ଗଦ୍ୟଶିଳ୍ପୀଗଣ ଲେଖନୀ ଚାଳନା କରି ଏ ବିଭାଗକୁ ଋଦ୍ଧିମନ୍ତ କରିଯାଇଛନ୍ତି । ଏହିକ୍ରମରେ ଚୌଧୁରୀ ହେମକାନ୍ତ ମିଶ୍ର ଏକ ସ୍ୱତନ୍ତ୍ର ସ୍ଥାନ ଅଳଙ୍କୃତ କରିଯାଇଛନ୍ତି । ତାଙ୍କ ରଚିତ 'ସାଧୁସଙ୍ଗ' ଏକ ସଫଳ ରମ୍ୟରଚନା । ଏହି ଲଳିତ ନିବନ୍ଧଟି ରମ୍ୟରଚନାର ସକଳ ବୈଶିଷ୍ଟ୍ୟରେ ବିଭୂଷିତ। ଏହା ପ୍ରାବନ୍ଧିକଙ୍କ ପ୍ରସିଦ୍ଧ ଗ୍ରନ୍ଥ 'ଅଘଟଣ ସଙ୍କଳନ'ରୁ ସଂଗୃହୀତ ହୋଇଛି । ଏହି ଗ୍ରନ୍ଥରେ ପ୍ରାବନ୍ଧିକ କ୍ରମାନ୍ୱୟରେ ସ୍ୱନାମଧନ୍ୟ, ଅଲୌକିକ, ଶିଳ୍ପଦାନ, ନବ ଉଦ୍ୟୋଗ ଧନ୍ଦା, ଆଳସ୍ୟ ସପକ୍ଷରେ ପୁନଶ୍ଚ, ଧାତବ ସନ୍ତୋଷ ଯାତ୍ରା, ଭୈରବ ମୁଣ୍ଡିଆ ଏକ ଗବେଷଣା, ସାଧୁସଙ୍ଗ, ଧର୍ମ ଏକା ପୋତ, ତର୍ଜମା, ଅଘଟଣ, ପ୍ରସଙ୍ଗକ୍ରମେ ମର୍କଟତ୍ରୟୀ, ବଟିକା ରୀତି – ଏକ କୀଟାବଲୋକନ ଓ ମେଷଦୃଶ୍ୟ ରମ୍ୟରଚନାଗୁଡ଼ିକ ସ୍ଥାନିତ କରି ନିଜର ସଂସ୍କାର ଆଭିମୁଖ୍ୟକୁ ସ୍ପଷ୍ଟ ଓ ନିର୍ଭୀକ ଭାବରେ ସରଳ, ସାବଲୀଳ ଓ ମନୋଜ୍ଞ ଭାଷାରେ ପ୍ରକାଶ କରିବା ପାଇଁ ପ୍ରୟାସ କରିଛନ୍ତି ।

ହାସ୍ୟଧର୍ମୀତା ଓ ବ୍ୟଙ୍ଗଧର୍ମୀତା ହେଉଛି ରମ୍ୟରଚନାର ଏକ ପ୍ରମୁଖ ବୈଶିଷ୍ଟ୍ୟ । ହାସ୍ୟ ବ୍ୟଙ୍ଗ ମାଧ୍ୟମରେ ସମାଜର କୁ-ସଂସ୍କାର ଅନ୍ଧବିଶ୍ୱାସକୁ ଦୂରୀଭୂତ କରିବା ତଥା ଦୋଷ ତ୍ରୁଟିକୁ ସୁଧାରିବା । ପ୍ରାବନ୍ଧିକ ଶ୍ରୀଯୁକ୍ତ ମିଶ୍ରଙ୍କ ଗଦ୍ୟଶୈଳୀ ଶାଣିତ ବ୍ୟଙ୍ଗାତ୍ମକ ଓ ଅପରପକ୍ଷରେ ହାସ୍ୟରସାତ୍ମକ ମଧ୍ୟ । ହାସ୍ୟରସ ସମ୍ବନ୍ଧରେ ପ୍ରାବନ୍ଧିକ – 'ତେରଛା ଗପ' ପୁସ୍ତକର "ବହିକୁ ନେଇ ପଦେ" ପ୍ରସଙ୍ଗରେ ଲେଖିଛନ୍ତି – "ହାସ୍ୟରସ ମାଧ୍ୟମରେ ଗଠନମୂଳକ ସାମାଜିକ ସମାଲୋଚନା ହେଲା ସାଟାୟାର (Satire) ନାମକ ରଚନାର ମୂଳତତ୍ତ୍ୱ । ହାସ୍ୟରସ ନ ଥିଲେ ଏହା ନିଚ୍ଛକ ଉପଦେଶ ଏବଂ ସଂସ୍କାରମୂଳକ ନ ହେଲେ ଏହା କେବଳ ଥଟ୍ଟା ତାମସା । ଏଇ ଦୁଇ ବିପରୀତ ଚରମ ସ୍ଥିତି ମଝିରେ ରହିଛି ସାଟାୟାର (Satire) । ହାସ୍ୟ ଉଦ୍ରେକ କରିବାରେ ଏହା କେବଳ ଆଂଶିକ ସଫଳତା ପାଇପାରେ । ଯେହେତୁ ହାସ୍ୟରସ କେବଳ ମାଧ୍ୟମ ।"

ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧରେ ସାଧୁ, ସାଧନା ଓ ଦିବ୍ୟ ଜୀବନ ଉପରେ ବ୍ୟଙ୍ଗୋକ୍ତି ପ୍ରକାଶ କରିଛନ୍ତି । ସାଧୁସଙ୍ଗ କରି ଏକ ଦିବ୍ୟ ଜୀବନ ଅତିବାହିତ କରି ସ୍ଥୂଳ ସୁଖ ଶାନ୍ତି କାମନା କରିବା ଏକାନ୍ତ ଭାବରେ ତୁଚ୍ଛ ଅଟେ । ଆଧୁନିକ ଯୁଗରେ ସାଧୁ ବୋଲାଉଥିବା ବାଈମାନେ ଯେଉଁ ମନ୍ତ୍ରଶକ୍ତିର ଚମତ୍କାରିତା ପ୍ରଦର୍ଶନ କରାଇ ଲୋକମାନଙ୍କ ହୃଦୟକୁ ଜିଣି ଯାଉଛନ୍ତି । ସେ ସବୁକୁ ମାୟାବୋଲି ପ୍ରାବନ୍ଧିକ ମତବ୍ୟକ୍ତ କରିଛନ୍ତି । ପ୍ରାବନ୍ଧିକଙ୍କ ଭାଷାରେ– "ଏହା ହେଉଛି ଏକ ସୟତାନୀ ଜାଲ ।" ପ୍ରାବନ୍ଧିକ ପ୍ରବନ୍ଧରେ ଶ୍ରୀଶ୍ରୀଶ୍ରୀ ୧୦୮ ଶ୍ରୀ ପାହାଡ଼ୀ ବୋଲେ ବାଈଙ୍କର ଲୀଳାର ଚମତ୍କାରିତା ବର୍ଣ୍ଣନା କରିଛନ୍ତି । ସେ ୧୫୦ ବର୍ଷକାଳ ହିମାଳୟ ତଳର ଋଷିକେଶ ଠାରେ ତପଶ୍ଚର୍ଯ୍ୟା କରୁଥିଲେ । ତାଙ୍କର ମନ କ'ଣ ହେଲା କେଜାଣି ସଂସାରକୁ ଓହ୍ଲାଇ ଆସି ଲୀଳା ଖେଳା କରୁଛନ୍ତି । ତାଙ୍କର ସାଧନା ରହିଥିଲା, ମନ୍ତ୍ରଶକ୍ତିର ମଧ୍ୟ ଚମତ୍କାରିତା ରହିଥିଲା । ଯଦି ଜଣେ ଅଙ୍ଗୁର ଖାଇବାକୁ ଇଚ୍ଛା କରେ ତା' ହେଲେ ବାଈ ହୃଦୟର କଥା ଜାଣିପାରି ସଙ୍ଗେ ସଙ୍ଗେ ହସ୍ତକୁ ଶୂନ୍ୟରେ ହାତ ପାତି ଦେଇ ପେନ୍ଥାଏ ଅଙ୍ଗୁର ଭିଡ଼ିଆଣି ଖାଇବାକୁ ଦେଇପାରିବେ । ଯେଉଁ ଭାରତ ବର୍ଷରେ ଖାଦ୍ୟ ସମସ୍ୟା ଦେଖା ଦେଲାଣି, ତାରି ନିରାକରଣ ସ୍ଥଳରେ ଏଇଭଳି ମନ୍ତ୍ରଶକ୍ତିର ଚମତ୍କାରିତାର ପ୍ରଭାବ କ'ଣ ପାଠକେ ଏହା ନିଶ୍ଚିତ ଭାବରେ ବୁଝି ପାରୁଥିବେ ।

ଶାଣିତ ବ୍ୟଙ୍ଗର ପ୍ରୟୋଗ କରି ପ୍ରାବନ୍ଧିକ ଶ୍ରୀଯୁକ୍ତ ମିଶ୍ର ରମ୍ୟରଚନାଟି ଅଧିକ ମାତ୍ରାରେ ତଥ୍ୟପୂର୍ଣ୍ଣ ତଥା ରସସିକ୍ତ କରିପାରିଛନ୍ତି । ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ଗଦ୍ୟଶୈଳୀ ମନୋଜ୍ଞ ଭାବ ପ୍ରକାଶରେ ସହାୟକ ହୋଇଛି । ତାଙ୍କ କଟାକ୍ଷ ଅତ୍ୟନ୍ତ ତୀବ୍ର ଓ ତୀକ୍ଷଣ । ପ୍ରାବନ୍ଧିକଙ୍କ ଭାଷାରେ –

"ଦୁନିଆର ଅଧୁନାତନ ରସାତଳଗାମୀ ଅଧୋଗତି ସମ୍ପର୍କରେ ଚଣ୍ଡାଳଠାରୁ ଚଣ୍ଡାଳ ମଧ୍ୟ ଜାଣିଅଛି, ଏଥକୁ ଉପାୟ ମାତ୍ର ଚିନ୍ତା କରିବାର ବେଳ ଆସିଅଛି । ଶୁଣିବାକୁ ପାଉଁ, ବିଲାତୀ ସାହେବମାନେ ମଧ୍ୟ ସେମାନଙ୍କର ଧବଳକୁଷ୍ଟ ଗ୍ରସ୍ତ ପାପମୟ ଶରୀରମାନ ଧରି ସଂସାରର ମାୟାଜାଲରୁ ମୁକ୍ତିର ଅଭିଳାଷ କରି ଆମ୍ଭମାନଙ୍କର ଏହି ସୁଗମ୍ଭୀର ଭୀମସୁନ୍ଦର ମହାମହା ଦେଶର ଶାନ୍ତିମୟ କ୍ରୋଡରେ ଯୋଗୀଋଷୀମାନଙ୍କ ଠାରୁ ଜ୍ଞାନାଞ୍ଜନ ସଂଗ୍ରହ କରି ଅଜ୍ଞାନାନ୍ଧତା ଦୂରୀକରଣ କରୁଅଛନ୍ତି । ଯୋଗୀରାଜ ଶ୍ରୀ ଶ୍ରୀ ବାଈଙ୍କ ଆଶ୍ରମରେ ମଧ୍ୟ ସ୍ତ୍ରୀପୁରୁଷ ମିଶି ଦୁଇ ଡଜନ ସରିକି 'ଅଧା' ଦେଇ ପଡ଼ି ରହିଥା'ନ୍ତି ଏବଂ ମନ୍ତ୍ରଶକ୍ତିର ଚମତ୍କାରିତା ସମ୍ବନ୍ଧରେ ପ୍ରଶ୍ନମାନ ପୁଚ୍ଛା କରୁଥା'ନ୍ତି । ଏହି ମହାପୁରୁଷଙ୍କର ମହିମା ଯେ ପୃଥିବୀ ବିଖ୍ୟାତ ହୋଇ ଅଛି, ତାହା ଏହି କଥାରୁ ଜଣା ପଡ଼େ; କିନ୍ତୁ ହାୟ ! ଏହି ଅଭାଗା ଦେଶର ମୂର୍ଖ ଦେଶବାସୀ ନିଜର ସୌରଭ ନିଜେ ଗ୍ରହଣ କରିବାକୁ ଅନିଚ୍ଛୁକ ହୋଇ ଜାଗତିକ ସୁଖ ପଛରେ ନିତ୍ୟ ଧାବମାନ ହୋଇ, ମାୟାଜାଲରେ ଛନ୍ଦିରିମନ୍ଦିରି ହୋଇ କାଳାତିପାତ କରିବା ପସନ୍ଦ କରନ୍ତି ।"

ସାମାନ୍ୟ ଲୁହା କାରବାର କରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କ ଉଦାହରଣ ପ୍ରାବନ୍ଧିକ ଉପସ୍ଥାପିତ କରିଛନ୍ତି । ମାୟାଜାଲରେ ବୁଡିରହି ସାଂସାରିକ ଜଞ୍ଜାଳ ଜାଲରେ ଛନ୍ଦି ହୋଇ ମାନବ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ନ ପାରି ଆନନ୍ଦ ରସ ପାନ କରିବାର ସୁଯୋଗରୁ ବଞ୍ଚିତ ହୋଇଥାଏ । ତେଣୁ ଯୋଗୀ ଋଷୀ ସାଧୁଙ୍କର ସାନିଧ ଲାଭ କରି ହୃଦୟ ମଧରେ ଆନନ୍ଦ ଧାରା ସୃଷ୍ଟି କରି ଜାଗତିକ ବନ୍ଧନରୁ ମୁକ୍ତିର ମାର୍ଗ ଉନ୍ମୋଚନ କରିବା ପାଇଁ ଅର୍ଥ ବ୍ୟୟ କରିବା ପାଇଁ ତିଳେ ମାତ୍ର କୁଣ୍ଠାବୋଧ ପ୍ରକାଶ କରନ୍ତି ନାହିଁ । ପ୍ରାବନ୍ଧିକଙ୍କ ସମାଲୋଚନାତ୍ମକ ଦିଗଟି ସ୍ପଷ୍ଟ ପ୍ରତୀୟମାନ ହୋଇଛି ।

"ଶ୍ରୀ ଶ୍ରୀ ପାହାଡୀ ବୋଲେ ବାଈଙ୍କର ସେହି ମହାନ୍ ଶିଷ୍ୟଙ୍କ ନିକଟରୁ ଯେତେବେଳେ ସମ୍ବାଦ ଆସିଲା ଯେ ବୁଧବାରର ନୀତି ଲାଗି ଆହୁରି ତିନିଶହ ମୁଦ୍ରା ଲାଗିବ, ଆମ୍ଭେ ବିନା ଦ୍ୱିଧାରେ ତତ୍‌କ୍ଷଣାତ୍ ସେହି ଅର୍ଥ ସମ୍ବାଦବାହକ ହସ୍ତରେ  ଅର୍ପଣ କଲୁ, ଦୁଃଖ ତ ଦୂରର କଥା, ଏକ ଅପୂର୍ବ ବିମଳ ଆନନ୍ଦ ଘନପୁଲକ ଆମ୍ଭର ଶରୀରେ ସଞ୍ଚାରିତ ହେଲା ଏବଂ ଯୁଗପତ୍ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟକଲୁଁ ଯୋଗବଳରେ ହିଁ ଏବଂ ଶିଷ୍ୟ ମାର୍ଫତ୍ ଗୁରୁକୃପା ଫଳରେ କିପରି ଏତେ ଶୀଘ୍ର ଆମ୍ଭର ଏ ରୂପ ସଂବିତ୍ ଉଦୟ ହୋଇଅଛି,  ଯେ ଯେଉଁ ବ୍ୟକ୍ତି ସ୍ୱୀୟ ଲୁହା କାରବାରରେ ଗୋଟିଏ ନୂଆପଇସା ଲୋକସାନ ହେଲେ ହୃଦୟରେ ଅତିଶୟ ପୀଡ଼ା ପ୍ରାପ୍ତ ହେଉଥିଲା, ସେ ଏହିପରି ହୋଇ ପାରିଅଛି ଏବଂ ଏଭଳି ଜାଗତିକ ମାୟାଜାଲରୁ ମୁକ୍ତ ହେବା ସାଧନାପଥରେ ଅଗ୍ରସର ହେଉଅଛି । ଆମ୍ଭେ ବୁଝିପାରିଲୁଁ, କୁଣ୍ଡଳିନୀଶକ୍ତି ଜାଗ୍ରତ ହେବା ଉପରେ ଏବଂ ତିନିଶତ ଛାର, ଏହି ମୁହୂର୍ତ୍ତରେ ସର୍ବସ୍ୱ ଦାନ କଲେ ମଧ୍ୟ କୌଣସି ଅନୁଭୂତି ହେବାର ନୁହେଁ । ଠିକ୍ ଆମ୍ଭର ମନକଥା ବୁଝିଲାପରି ତହିଁଆରଦିନ ସମ୍ବାଦବାହକଟି ଆସି ଆମ୍ଭର ବୈଠକଖାନା ଅଳଂକୃତ କଲେ ଏବଂ କହିଲେ ଯେ ଆହୁରି ଚାରିଶହ ମୁଦ୍ରା ଏହିକ୍ଷଣି ପ୍ରୟୋଜନ । ଆମ୍ଭେ ବୁଝିପାରିଲୁ ଯେ ଆମ୍ଭଙ୍କୁ ପରୀକ୍ଷା କରାଯାଉଅଛି । କୌଣସି ପ୍ରକାର ପ୍ରଶ୍ନ ପୁଚ୍ଛା ନ କରି ସାଦର ହରିସ୍ମରଣରତ ଗଦ୍‌ଗଦ୍ ଭାବରେ ହିଁ ଆମ୍ଭେ ସେହି ଅର୍ଥ ତତ୍‌କ୍ଷଣାତ୍ ଦାନ କଲୁଁ ।"

ରମ୍ୟରଚନାର ଅନ୍ୟତମ ଏକ ବୈଶିଷ୍ଟ୍ୟ ହେଉଛି ଆତ୍ମକଥନ ଶୈଳୀ ବା ବ୍ୟକ୍ତିଗତ ଶୈଳୀ । ପ୍ରାବନ୍ଧିକଙ୍କ ଗଦ୍ୟଶୈଳୀରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଶୈଳୀ ଅନୁଭୂତ ହୋଇଥାଏ । ପ୍ରାବନ୍ଧିକଙ୍କ ମଧ୍ୟ ସଂସ୍କାରଧର୍ମୀତା ରମ୍ୟରଚନାର ମୁଖ୍ୟ ଉଦ୍ଦେଶ୍ୟ । ଆବେଗାତ୍ମକ ଆତ୍ମକଥନ ଶୈଳୀର ପ୍ରୟୋଗର ଉଦାହରଣ ହେଉଛି – "ଆମ୍ଭର ସୌଭାଗ୍ୟ, ମାସେ ହେଲା ଶ୍ରୀ ଶ୍ରୀ ବାଈଙ୍କର ଜଣେ ଶିଷ୍ୟଙ୍କ ସଙ୍ଗେ ଆମ୍ଭର ପରିଚୟ ହୋଇଅଛି । ଆମ୍ଭେ ଅତ୍ୟନ୍ତ ପାପୀ, ମୂର୍ଖ ଓ ପତିତ ମନୁଷ୍ୟ ଅଟୁଁ ଏବଂ ଏକ ତୁଚ୍ଛ ଲୁହା କାରବାର କରି ଆପଣାର ଜୀବିକା ନିର୍ବାହ କରୁଁ ଏବଂ ଏଯାବତ୍ ପ୍ରକୃତ ଆନନ୍ଦ ଲାଭ କରିବାର ସୁଯୋଗ ପାଇନାହୁଁ । "

ପୁଣି ପ୍ରାବନ୍ଧିକ ମତବ୍ୟକ୍ତ କରିଛନ୍ତି "ଏହି ସମ୍ବାଦ ଶ୍ରବଣ କରିବା ପରଠାରୁ ଆମ୍ଭର ହୃଦୟ ସତତ ପୁଲକିତ ରହିଅଛି ଏବଂ ଅବିଚ୍ଛିନ୍ନ ତୈଳଧାରସମ ଆନନ୍ଦଧାରା ମଦୀୟ ମାନସ ମରୁରେ ପ୍ରବାହିତ ହେଉଅଛି, ଆମ୍ଭେ ଏତେ ଗୁଡିଏ ଆନନ୍ଦ ସମ୍ଭାଳି ନ ପାରି ସ୍ୱୀୟ ଧର୍ମପତ୍ନୀଙ୍କୁ ଏହା ଜଣାଇଲୁଁ । ସଂସାରର ମାୟାଜାଲରେ ବନ୍ଦିନୀ ହୋଇ ସେ ଅବଶ୍ୟ ଆମ୍ଭର ଏହି ଆନନ୍ଦର ରସ ଗ୍ରହଣ କରିପାରିନଥିଲେ । ତଥାପି ଆମ୍ଭର ଆନନ୍ଦ ବ୍ୟାହତ ହେଲା ନାହିଁ । ଯୁଗ ଯୁଗ ସଞ୍ଚିତ ଗୁରୁ ସଙ୍ଗ ଲାଭ ଆଶା ପୂର୍ଣ୍ଣ ହୋଇ ମୁକ୍ତିପଥ ପରିଷ୍କାର ହେବାକୁ ଯାଉଅଛୁ ସ୍ମରଣ କରି ଆମ୍ଭେ ଦିନ ଗଣିବାକୁ ଲାଗି ଅଛୁଁ ।"

ସର୍ବୋପରି ରମ୍ୟରଚନା 'ସାଧୁସଙ୍ଗ'କୁ ବିଶ୍ଳେଷଣ କଲେ ଲଳିତ ନିବନ୍ଧର ସକଳ ବୈଶିଷ୍ଟ୍ୟ ବାକ୍‌ଚତୁରୀରେ ଚମତ୍କାରିତା, ପରିବେଷଣରେ ହାସ୍ୟ ଲାଳିତା, ଆବେଦନରେ ସଂସ୍କାରଧର୍ମୀତା, ବର୍ଣ୍ଣନାରେ ରମଣୀୟତା ଇତ୍ୟାଦିକୁ ବହନ କରି ମାର୍ମିକ ପ୍ରକାଶରେ ପ୍ରାବନ୍ଧିକ ସଫଳ ହୋଇପାରିଛନ୍ତି । ରମ୍ୟରଚନା ସଂପର୍କରେ ମହାପାତ୍ର ନୀଳମଣି ସାହୁଙ୍କ ବକ୍ତବ୍ୟ ହେଉଛି "ଏଥିରେ ଗୀତିକବିତାର ସ୍ୱାନୁଭୂତ ଆବେଗଧର୍ମୀ ଭାବ ବିଳାସ, କ୍ଷୁଦ୍ରଗଳ୍ପର କଥନଭଙ୍ଗୀ ଓ ଜଟିଳ ତଥ୍ୟ ତଥା ତତ୍ତ୍ୱର ନାନ୍ଦନିକ ବିଶ୍ଳେଷଣ ରହିଥାଏ ।" ଏ ଦୃଷ୍ଟିରୁ ବିଶ୍ଳେଷଣ କଲେ 'ସାଧୁସଙ୍ଗ' ରମ୍ୟରଚନା ଧାରାରେ ଏକ ପ୍ରଭାବଶାଳୀ ରମ୍ୟରଚନା ଏଥିରେ ଦ୍ୱିମତ ହେବାର କୌଣସି କାରଣ ନାହିଁ ।

## ୪.୬ ରମ୍ୟରଚନା 'ସାଧୁସଙ୍ଗ' ର ମୂଳପାଠ

### ଡଃ ଚଉଧୁରୀ ହେମକାନ୍ତ ମିଶ୍ର

ଶ୍ରୀ ଶ୍ରୀ ୧୦୮ ଶ୍ରୀ ପାହାଡ଼ୀବୋଲେ ବାଈଙ୍କର ଶ୍ରୀନାମ କେଉଁ ସତ୍‌ସଙ୍ଗୀ ଧାର୍ମିକ ପୁରୁଷ ନ ଜାଣେ ଯେ ତାହାଙ୍କର ପରିଚୟ ଦେବା ଦରକାର ପଡ଼ିବ ? ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ ଶ୍ରୀ ଶ୍ରୀ ବାଈ ଗତ ୧୫୦ ବର୍ଷ କାଳ ହିମାଳୟ ତଳର ଋଷିକେଶଠାରେ ତପଶ୍ଚର୍ଯ୍ୟା କରୁଥିଲେ । ଏବେ କଅଣ ମନକୁ ଆସିଲା କେଜାଣି, ସଂସାରକୁ ଓହ୍ଲାଇ ଆସି ଲୀଳାଖେଳା କରୁଅଛନ୍ତି । ତାହାଙ୍କର ଲୀଳା ଅତି ଚମତ୍କାର । ସେହି ଚମତ୍କାରିତା କେବଳ ସ୍ୱଚକ୍ଷୁରେ ଦର୍ଶନ କଲେ ବୁଝିହେବ ; ନଚେତ୍ ନାହିଁ । ମନେକର ତୁମ୍ଭେ ଅଙ୍ଗୁର ଖାଇବାକୁ ଚାହଁ । ବାଲ୍ୟକାଳରେ ଭୂଗୋଳଶିକ୍ଷକ ମହୋଦୟ ଭୂମଧ୍ୟସାଗରୀୟ ଜଳବାୟୁ ପ୍ରସଙ୍ଗ ପଢ଼ାଉ ପଢାଉ ଅଙ୍ଗୁର, ସେଓ, ନାସ୍ପାତି, ବେଦାନା ଆଦି ଲୋଭନୀୟ ଫଳର ଉଲ୍ଲେଖ କଲାବେଳେ ଆମ୍ଭେ ଅସୁସ୍ଥତା କଥା

ସ୍ମରଣ କରୁଥିଲୁଁ, ଯେତେବେଳେ ଡାକ୍ତରଙ୍କର ଆଦେଶକ୍ରମେ କିଛି ଫଳ ଖାଇବାର ସୁଯୋଗ ମିଳିଥିଲା, ଯଦିଓ ଭୂମଧ୍ୟସାଗରରୁ କଟକର ମାଲଗୋଦାମ ପର୍ଯ୍ୟନ୍ତ ପରିଭ୍ରମଣ ମଧ୍ୟରେ ଏହି ଫଳମାନେ ସେମାନଙ୍କର ମୌଳିକ ଯୌବନ କେତେକ ପରିମାଣରେ ହରାଇବାକୁ ବାଧ୍ୟ ହୋଇଥିବେ। ତେବେ ସେ ସବୁ ସ୍ଥୁଳ ବ୍ୟକ୍ତିଗତ ପ୍ରସଙ୍ଗ ଉତ୍‌ଥାପନ କରିବା ନିଷ୍ପ୍ରୟୋଜନ। ଅଙ୍ଗୁର ଖାଇବାକୁ ବା କିଏ ନ ଋହେଁ, କେବଳ ସେହି ଶୃଗାଳଟିକୁ ଛାଡ଼ିଦେଲେ ଯାହାଲାଗି ଅଙ୍ଗୁର ମାତ୍ରେ ଅମ୍ଳରସପୂର୍ଣ୍ଣ ? ତହିଁକି, ଶ୍ରୀ ଶ୍ରୀ ବାଈା ଯେବେ ଜାଣିପାରନ୍ତି ଯେ ତୁମ୍ଭେ ଅଙ୍ଗୁର ଖାଇବାକୁ ଋହଁ ସେ ସଙ୍ଗେ ସଙ୍ଗେ ହସ୍ତକୁ ଶୂନ୍ୟରେ ପାତିଦେଇ ସେଠାରୁ ପେନ୍ଥାଏ ଅଙ୍ଗୁର ଭିଡ଼ିଆଣି ତୁମ୍ଭର ଜିମା କରିଦେବେ। ମନ୍ତ୍ରର ଚମତ୍କାରିତା ଏପରି। ଖାଇବାଈାଲାଏ କହନ୍ତି ଏହା ଭୂମଧ୍ୟସାଗରୀୟ, ଯୌବନୋଚ୍ଛଳ ଏବଂ ସୁମିଷ୍ଟ ; କିନ୍ତୁ ଏହା କେବଳ ବାହ୍ୟ ଓ ଗୌଣ ପ୍ରସଙ୍ଗ। ଭାରତଖଣ୍ଡର ଖାଦ୍ୟସମସ୍ୟା ନିରାକରଣରେ ମନ୍ତ୍ରଶକ୍ତିର ପ୍ରଭାବ ସମ୍ବନ୍ଧରେ ଆମ୍ଭେ କିଛି କହିବାକୁ ଯାଉନାହୁଁ। ସ୍ଥୁଳ ସୁଖଶାନ୍ତି ଆମ୍ଭ ଦୃଷ୍ଟିରେ ତୁଚ୍ଛ ଏବଂ ଯେଉଁ ସମସ୍ୟାମାନଙ୍କର ସମାଧାନ ନାହିଁ, ଆମ୍ଭେ ସେ ସବୁରୁ ଆଗରୁ ମୁହଁ ବୁଲାଇ ରଖିଅଛୁଁ। ସେବୁ ମାୟା। ଏସବୁ ଆମ୍ଭଙ୍କୁ ସାଧନାର ପଥରୁ, ମୁକ୍ତିମାର୍ଗରୁ ବ୍ୟାହତ କରିବାକୁ ସୟତାନୀ ଜାଲ।

ଦୁନିଆର ଅଧୁନାତନ ରସାତଳଗାମୀ ଅଧୋଗତି ସମ୍ପର୍କରେ ଚଣ୍ଡାଳଠାରୁ ଚଣ୍ଡାଳ ମଧ୍ୟ ଜାଣିଅଛି, ଏଥକୁ ଉପାୟ ମାତ୍ର ଚିନ୍ତା କରିବାର ବେଳ ଆସିଅଛି। ଶୁଣିବାକୁ ପାଉଁ, ବିଲାତୀ ସାହେବମାନେ ମଧ୍ୟ ସେମାନଙ୍କର ଧବଳକୁଷ୍ଟ ଗ୍ରସ୍ତ ପାପମୟ ଶରୀରମାନ ଧରି ସଂସାରର ମାୟାଜାଲରୁ ମୁକ୍ତିର ଅଭିଳାଷ କରି ଆମ୍ଭମାନଙ୍କର ଏହି ସୁଗମ୍ଭୀର ଭୀମସୁନ୍ଦର ମହାମହା ଦେଶର ଶାନ୍ତିମୟ କ୍ରୋଡରେ ଯୋଗୀଋଷୀମାନଙ୍କ ଠାରୁ ଜ୍ଞାନାର୍ଜ୍ଜନ ସଂଗ୍ରହ କରି ଅଜ୍ଞାନାନ୍ଧତା ଦୂରୀକରଣ କରୁଅଛନ୍ତି। ଯୋଗୀରାଜ ଶ୍ରୀ ଶ୍ରୀ ବାଈାଙ୍କ ଆଶ୍ରମରେ ମଧ୍ୟ ସ୍ତ୍ରୀପୁରୁଷ ମିଶି ଦୁଇ ଡଜନ ସରିକି 'ଅଧା' ଦେଇ ପଡ଼ିରହିଥା'ନ୍ତି ଏବଂ ମନ୍ତ୍ରଶକ୍ତିର ଚମତ୍କାରିତା ସମ୍ବନ୍ଧରେ ପ୍ରଶ୍ନମାନ ପୁଚ୍ଛା କରୁଥା'ନ୍ତି। ଏହି ମହାପୁରୁଷଙ୍କର ମହିମା ଯେ ପୃଥିବୀ ବିଖ୍ୟାତ ହୋଇ ଅଛି, ତାହା ଏହି କଥାରୁ ଜଣା ପଡ଼େ; କିନ୍ତୁ ହାୟ ! ଏହି ଅଭାଗା ଦେଶର ମୂର୍ଖ ଦେଶବାସୀ ନିଜର ସୌରଭ ନିଜେ ଗ୍ରହଣ କରିବାକୁ ଅନିଚ୍ଛୁକ ହୋଇ ଜାଗତିକ ସୁଖ ପଛରେ ନିତ୍ୟ ଧାବମାନ ହୋଇ, ମାୟାଜାଲରେ ଛନ୍ଦିରିମନ୍ଦିରି ହୋଇ କାଳାତିପାତ କରିବା ପସନ୍ଦ କରନ୍ତି।

ଆମ୍ଭର ସୌଭାଗ୍ୟ, ମାସେ ହେଲା ଶ୍ରୀ ଶ୍ରୀ ବାଈାଙ୍କର ଜଣେ ଶିଷ୍ୟଙ୍କ ସଙ୍ଗେ ଆମ୍ଭର ପରିଚୟ ହୋଇଅଛି। ଆମ୍ଭେ ଅତ୍ୟନ୍ତ ପାପୀ, ମୂର୍ଖ ଓ ପତିତ ମନୁଷ୍ୟ ଅଟୁଁ ଏବଂ ଏକ ତୁଚ୍ଛ ଲୁହାକାରବାର କରି ଆପଣାର ଜୀବିକା ନିର୍ବାହ କରୁଁ ଏବଂ ଏଯାବତ୍ ପ୍ରକୃତ ଆନନ୍ଦ ଲାଭ କରିବାର ସୁଯୋଗ ପାଇନାହୁଁ। ଏହି ଶିଷ୍ୟ ଜଣକ ଶ୍ରୀ ଶ୍ରୀ ବାଈାଙ୍କର ପ୍ରତ୍ୟକ୍ଷ ସଂସର୍ଗରେ ଆସିଥିବାରୁ ଜଣେ ବିମଳଜ୍ୟୋତି ସମ୍ପନ୍ନ, ଆନନ୍ଦମୟ ପୁରୁଷ। ଗତ ରବିବାର ଦିନ ହିଁ ତାହାଙ୍କର ସଙ୍ଗେ ସାକ୍ଷାତ୍ ନିର୍ଘଣ୍ଟ ରହିଥିଲା ଏକ ସ୍ଥାନୀୟ ଭୋଜନାଳୟରେ। ଆମ୍ଭେ ଯେତେବେଳେ ସେଠାରେ ଯାଇ ପହଞ୍ଚିଲୁ ତାହାଙ୍କର ମୁଖଶୋଭା ଏଭଳି ଝଳି ଉଠିଲା ଯେ ତାହା ଅବର୍ଣ୍ଣନୀୟ। ଆମ୍ଭଙ୍କୁ ଉଦ୍ଦେଶ୍ୟ କରି ସସ୍ନେହେ କହିଲେ ଯେ ଆମ୍ଭେ ଆସିବୁଁ ବୋଲି ତାହାଙ୍କର ପ୍ରତ୍ୟୟ ହେଉ ନ ଥିଲା, ତଥାପି ସେ ସ୍ଥିର ନିଶ୍ଚିତ ଥିଲେ ଯେ ଆମ୍ଭେ ଆସିବୁଁ ! ବୁଝିବା ହୁଅନ୍ତୁ, ସେ ସ୍ଥିର ନିଶ୍ଚିତ ଥିଲେ। କେବଳ ମାତ୍ର ଏକ ପୂର୍ବନିର୍ଦ୍ଦିଷ୍ଟ ନିର୍ଘଣ୍ଟ ଉପରେ ନିର୍ଭର କରି କେହି ଏପରି ନିଶ୍ଚୟତା ପାଇପାରେ କି ଯୋଗର ବଳ ନ ଥିଲେ ? ଯଥା ସେ କିପରି ଅବଗତ ହେଲେ ଯେ ଆମ୍ଭେ ଗୃହରୁ ଭୋଜନାଳୟକୁ ଆସିବା ମଧ୍ୟରେ କୌଣସି

ଦୁର୍ଘଟଣା ହେବନାହିଁ ? ବିଶେଷେ ଯେହେତୁ ଆମ୍ଭେ ଉପଯୁକ୍ତ ପ୍ରକାରେ ମୂର୍ଖ, ପାପୀ ଓ ପତିତ ମନୁଷ୍ୟ ଅଟୁ ? ଏହି ମହାପୁରୁଷ ସଂସର୍ଗ-ସ୍ନାତ ପଡ଼ି-ମହାପୁରୁଷମାନଙ୍କର ଏତାଦୃଶ ଅତି ମାନସିକ ଚେତନା ସଂଦର୍ଶନ କରି ଚମତ୍କୃତ ହେବା ଅତି ସ୍ୱାଭାବିକ ଥିଲା । ସେ ଯେ ଆମ୍ଭ ମଧରେ କେଉଁ ନୈସର୍ଗିକ ଶକ୍ତି ଦେଖିବାକୁ ଯାଇଅଛନ୍ତି, କି ହେତୁ ଯେ ଆମ୍ଭ ପ୍ରତି ଏହି କରୁଣା-ଦୃଷ୍ଟି ହୋଇଅଛି, ତାହା କ'ଣ କଳନା କରିହେବ ? ଆମ୍ଭଙ୍କୁ ଦେଖି ତାହାଙ୍କର ଏତାଦୃଶ ଆନନ୍ଦ ଦେଖି ଆମେ ଲଜ୍ଜା ବୋଧ କଲୁଁ । ସେ ଆମ୍ଭଙ୍କୁ ପଚାରିଲେ ବାଟରେ କୌଣସି ଦୁର୍ଘଟଣା ବା ଧନହାନି ହୋଇ ଅଛି କି ନାହିଁ । ଏକଥା କହୁଥିଲାବେଳେ ସେ ବାରମ୍ବାର ମଦୀୟ ହୃତ୍‌ଦେଶକୁ ଚାହୁଁଥା'ନ୍ତି ଏବଂ ଏପରି ପ୍ରେମମୟ ସ୍ନେହମୟ ଦୃଷ୍ଟିଦେଖି କାହାର ପୁଳକ ଉଦିତ ନ ହେବ ? ପରେ ତାହାଙ୍କ ମୁଖରୁ ଜାଣିବାକୁ ପାଇଲୁଁ ଯେ ଆମ୍ଭର ଅଦ୍ୟ ଦିବସରେ ଧନହାନି ଯୋଗ ଥିଲା, ଯାହାକି ପୂର୍ବରୁ ହିଁ ଯୋଗବଳରେ ଜାଣିପାରି ଯୋଗବଳରେ ହିଁ ସେଥିରୁ ଆମ୍ଭମାନଙ୍କୁ ରକ୍ଷା କରିଅଛନ୍ତି ଗୁରୁଙ୍କର ଅପାର କରୁଣା ଫଳରେ । ଆମ୍ଭର ଧନକ୍ଷୟ ହୋଇନାହିଁ ଶୁଣି ସେ ଏତେ ଆନନ୍ଦିତ ହେଲେ, ସେ ଆମ୍ଭପ୍ରତି ତାହାଙ୍କର ସ୍ନେହଭାବ ଆହୁରି ଅଧିକ ପ୍ରକଟି ଉଠିଲା ।

ଭୋଜନାଳୟର କର୍ମୀମାନଙ୍କ ସଙ୍ଗେ ତାହାଙ୍କର କଥୋପକଥନ ମଧ ଅତି ପ୍ରେମମୟ ଭାଷାରେ ହେଉଥିଲା, ସତେ ଯେପରି ସେମାନେ ତାହାଙ୍କର ବହୁଦିନର ପରିଚିତ ଏବଂ ଆତ୍ମୀୟ । ଆମ୍ଭେ ଲକ୍ଷ୍ୟ କଲୁଁ ସେମାନେ ତାଙ୍କ ସଙ୍ଗେ କଥୋପକଥନ କରୁଥିଲାବେଳେ ମୃଦୁ ମୃଦୁ ହାସ୍ୟ କରୁଥିଲେ ଏବଂ ଆମ୍ଭମାନଙ୍କର ବସିବା ସ୍ଥାନଠାରୁ ଦୂରକୁ ଚାଲିଗଲେ ମଧ ପରସ୍ପର ମଧରେ ତାହାଙ୍କ ସମ୍ବନ୍ଧରେ କଥା ହେଉଥିଲେ, ସେହିପରି ମୃଦୁହାସ୍ୟ ସଂଯୋଗରେ । ଆମ୍ଭେ ଆସିଲାବେଳକୁ ସେ ଦୁଇଗୋଟି ମୋଗଲାଇ ପରଟା ଏବଂ ଏକ ପ୍ଲେଟ୍ ମୋରଗ୍ ମସାଲ୍ଲମ୍ ଭୋଜନ କରିସାରିଥିଲେ ସୁଦ୍ଧା ଆମ୍ଭ ପ୍ରତି ସ୍ନେହବଶତଃ ଠିକ୍ ସେହି ପଦାର୍ଥର ପୁନରାବୃତ୍ତି କରିବାକୁ ଭୋଜନାଳୟର କର୍ମୀମାନଙ୍କୁ ଆଦେଶ ଦେଇଥିଲେ । ଆମ୍ଭେ ସାଧାରଣ ବ୍ୟକ୍ତି ହୋଇଥିବାରୁ ଦୁଇଟି ମୋଗଲାଇ ପରଟା ପରିବର୍ତ୍ତେ ମାତ୍ର ଗୋଟିଏ ଭୋଜନ କରିପାରିଲୁଁ ଏବଂ ଅନ୍ୟଟି ସେ ଅତ୍ୟନ୍ତ ସ୍ନେହପରାୟଣ ଭାବରେ ଆମ୍ଭଠାରୁ ଗ୍ରହଣ କରିଥିଲେ । ଯେଉଁମାନେ ଯୋଗାଦି ସାଧନ କରନ୍ତି, ସେମାନଙ୍କର ଜଠରେ ବହ୍ନି ଜଳୁଥାଏ । ସେ ବହ୍ନି କୁଣ୍ଡଳିନୀଶକ୍ତିରୁ ଜାତ ହୋଇ ଜଠର ଓ ଶେଷରେ ତାଲୁ ପର୍ଯ୍ୟନ୍ତ ଉଠିଯାଏ । ମହାପୁରୁଷ ପାହାଡ଼ୀବୋଲେ ବାଈା ଏହି ଖାଦ୍ୟର ଚତୁର୍ଗୁଣ ଅନାୟାସରେ ଦିନକୁ ପାଞ୍ଚଥର ଭୋଜନ କରିଥା'ନ୍ତି ସେ ସବୁକୁ ବହୁ ସାଧନାର ଫଳ । ପ୍ରକୃତରେ କୁଣ୍ଡଳିନୀ ଶକ୍ତି ଯେତେବେଳେ ଗୁହ୍ୟଚକ୍ରରୁ ସହସ୍ରାରଚକ୍ର ପର୍ଯ୍ୟନ୍ତ ଊର୍ଦ୍ଧ୍ୱଗତି କରେ, ସେତେବେଳେ ନାଭିବିନ୍ଦୁ ସନ୍ନିକଟରେ ଏହି ବହ୍ନି ଜାତ ହୁଏ । ଭୋଜନକାଳରେ ଏହି ସମସ୍ତ ନିଗୂଢ଼ତତ୍ତ୍ୱ ସେ ଆମ୍ଭଙ୍କୁ ବୁଝାଇଥିଲେ । ଏସବୁ କାହାରିକି କହିବା ମନା, ଅପାତ୍ରରେ ଦାନ କରିବା ଭୟ ରହିଛି, ତଥାପି ଉପଯୁକ୍ତ କ୍ଷେତ୍ର ଦେଖିଲେ; ମାତ୍ର ଜଣକୁ ହିଁ ଏସବୁ ଦେବାଲାଗି ଗୋଡ଼ହାତ ଧରି ଗୁରୁଙ୍କଠାରୁ ଅନୁମତି ପାଇଥିଲେ । ଆମ୍ଭର ସୌଭାଗ୍ୟ । ପ୍ରକୃତରେ ଆମ୍ଭର ବନ୍ଧୁ ଶ୍ରୀ ଆଲୋକ କୁମାର ପଣ୍ଡା ଏଥିଲାଗି ଧନ୍ୟବାଦାର୍ହ ।

ସେଦିନ ଭୋଜନାନ୍ତେ ଆମ୍ଭେ ଯେତେବେଳେ ପଇସା ଦେବାକୁ ଯାଉଥିଲୁଁ ସେ ବାରମ୍ବାର ବାରଣ କରୁଥିଲେ । ସେ ପର୍ଯ୍ୟନ୍ତ ସେ ହସ୍ତ ପ୍ରକ୍ଷାଳନ କରି ନ ଥିଲେ; ନଚେତ୍ କିଏ ଜାଣେ ହୁଏତ ସେହି ଗେରୁଆ ଆଲ୍‌ଖାଲାର ପକେଟରୁ ପଇସା ବାହାର କରିଦେଇ ଦେଇଥା'ନ୍ତେ, କିଛି ହେଲେ ଆପତ୍ତି ଶୁଣି ନଥା'ନ୍ତେ; ମାତ୍ର

ପନ୍ଦରଟି ଟଙ୍କା ପାଇଁ ଆମ୍ଭ ମସ୍ତବଡ଼ ପୁଣ୍ୟରୁ ବଞ୍ଚିତ ହୋଇଥା'ନ୍ତୁ। ଶେଷରେ ଜାଣିବାକୁ ପାଇଲୁଁ, କାହାରିଠାରୁ ଅର୍ଥାଦି ଗ୍ରହଣ କରିବା ବିରୁଦ୍ଧରେ ଗୁରୁଙ୍କ କଡା ଆଦେଶ ରହିଅଛି, କାରଣ ଏରୂପ କଲେ ସାଧକର ସମସ୍ତ ସଞ୍ଚିତ ପୁଣ୍ୟ ଅର୍ଥଦାତା ନିକଟକୁ ତତ୍କ୍ଷଣାତ୍ ଚାଲିଯାଏ। ଅନ୍ୟପକ୍ଷରେ କେହି ସତ୍ପାତ୍ର, ପ୍ରକୃତ ଅନିସନ୍ଧିତ୍ସୁ, ଧର୍ମଭୀରୁ ଗୁରୁଭକ୍ତ ସଦ୍‌ବଂଶଜ ବ୍ୟକ୍ତି ଅର୍ଥାଦି ଦାନ କରିବାକୁ ଋହିଁଲେ, ତାହା ମନରେ କଷ୍ଟଦେବା ଅବଶ୍ୟ ଉଚିତ ନୁହେଁ। ପୁଣ୍ୟବାନଙ୍କର ସଂସ୍ପର୍ଶରେ ଆସି ଆମ୍ଭେ ନିଜର ପ୍ରକୃତ ପରିଚୟ ପାଇପାରିଲୁ ଏବଂ ଖୁବ୍ ବିଚକ୍ଷଣତାର ସହିତ ସେହି ମୁହୂର୍ତ୍ତରେ ଭୋଜନର ମୂଲ୍ୟଦାନ କରି ମୁକ୍ତ ହେଲୁଁ। ପୁନଶ୍ଚ ଆଗାମୀ ବୁଧବାର ଠିକ୍ ଏହି ରୀତିରେ ଆମ୍ଭ ସଙ୍ଗେ ଦେଖା କରିବେ ବୋଲି କହି ସେ ବିଦାୟ ନେଉଥିଲେ। ଆମ୍ଭେ ତାହାଙ୍କର ପଦସ୍ପର୍ଶ କରି ପଚାରିଲୁଁ ଆମ୍ଭର ଗୁରୁଦର୍ଶନ କେବେ ହେବ ? ସେ ଉତ୍ତରରେ ଯାହା କହିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଆମ୍ଭର ଜୀବନଯାତ୍ରାର ମଙ୍ଗ ଭିନ୍ନ ଦିଗକୁ ବୁଲାଇ ଦେଇ ପାରିଥିଲା। ସେ କହିଲେ ଯେଉଁଦିନ ଆମ୍ଭେ ହେବୁଁ ସେଦିନ ଆପେ ଆପେ ଆମ୍ଭ ଉପରେ ଗୁରୁକୃପା ବର୍ଷିତ ହେବ। ଆମ୍ଭେ ପଚାରିଲୁଁ, ଉପଯୁକ୍ତ ହେବାର ଉପାୟ କ'ଣ ? ସେ ଅତି ସଂକ୍ଷେପରେ ଅଥଚ ପ୍ରାଞ୍ଜଳଭାବରେ ତାହାର ନିଗୂଢ଼ ଉପାୟ ଆମ୍ଭଙ୍କୁ ବତାଇ ଦେଇଥିଲେ। ସେ କହିଥିଲେ ଯେ ଯେଉଁଦିନ ଧନସମ୍ପତ୍ତିର ଓ ନିଜର ମତାମତ ଉପରେ ଅଯଥା ଆସ୍ଥା ଆମ୍ଭର ତୁଟିଯିବ; ସେହିଦିନ ଆମ୍ଭେ ଉପଯୁକ୍ତ ହେବା ପଥରେ ପାଦେ ଅନ୍ତତଃ ଅଗ୍ରସର ହୋଇପାରୁଁ। କେତେଟା ଅଗ୍ରସର ହୋଇପାରିବୁଁ ତାହା ମଧ୍ୟ ଅନେକ ପରିମାଣରେ ଗୁରୁକୃପା ଉପରେ ନିର୍ଭର କରେ। ସେ ପୁନଶ୍ଚ ନିଜର ଉଦାହରଣ ଦେଇ ବୁଝାଇ ଦେଇଥିଲେ ଯେ ଆମ୍ଭଭଳି ଜିଜ୍ଞାସୁସ୍ତରରେ ତାହାଙ୍କର ମଧ୍ୟ ଠିକ୍ ଏହିଭଳି କୌତୂହଳ ଜାତ ହୋଇଥିଲା ଏବଂ ଗୁରୁ ଗୁରୁ କହି ରାତ୍ରିରେ ନିଦ୍ରା ଆସୁ ନଥିଲା। ସେତେବେଳେ ସେ ପ୍ରଚୁର ଦାନଧର୍ମ କଲେ। ନିଜର ଉପାର୍ଜିତ ଧନ ସତ୍ପାତ୍ରରେ ଦାନ କରିବା ହେଉଛି ଧନସମ୍ପତ୍ତିଠାରୁ ମାୟା କଟାଇବାର ପ୍ରକୃଷ୍ଟତମ ଉପାୟ। ତେବେ ମୁସ୍କିଲ୍ ହେଉଛି ଏହି ଯେ, ସତ୍ପାତ୍ରମାନେ ସାଧାରଣତଃ ଏପରି ଦାନ ଗ୍ରହଣ କରନ୍ତି ନାହିଁ। ଆମ୍ଭେ ଯେବେ ଗୁରୁଦର୍ଶନ ଲାଗି ଏତେ ବ୍ୟାକୁଳ, ତେବେ ସେ ଦୁଇ ସପ୍ତାହ ମଧ୍ୟରେ କୌଶଳରେ ତାହା ଆୟୋଜିତ କରିପାରିବେ। ଏଥିଲାଗି ମାତ୍ର ତିନିଶହ ଟଙ୍କା ଖର୍ଚ୍ଚ ହେବ। ଏହି ଅର୍ଥର ପରିମାଣ ଆମ୍ଭଙ୍କୁ ଅତି ସାମାନ୍ୟ ମନେ ହେଲା ଏବଂ ଆମେ ଏତକ ଅର୍ଥ ଗ୍ରହଣ କରିବାକୁ ବାଧ୍ୟ କରିବାକୁ ଲାଗିଲୁ। ଆମ୍ଭର ଏତେ ବେଶ ଜିଦ୍, ସତେ ଯେପରି ତାହାଙ୍କର ଓ ଆମ୍ଭର ଧନ ମଧ୍ୟରେ କୌଣସି ଫରକ୍ ରହିଅଛି, ଏପରି ପର ପର ବ୍ୟବହାର ଦେଖିର ସେ ଦୁଃଖିତ ହେଲେ ସୁଦ୍ଧା ଏହି ଥରକ ଲାଗି ଆମ୍ଭ ପ୍ରତି ସ୍ନେହବଶତଃ ଅନିଚ୍ଛା ସତ୍ତ୍ୱେ ଏତକ ବା ଆଉ ଯାହା ବ୍ୟୟ ହେବ ଏହାର ଉପରେ, ନେବାକୁ ରାଜି ହେଲେ।

ଗୃହକୁ ସହର୍ଷମନରେ ପ୍ରତ୍ୟାବର୍ତ୍ତନ କଲୁଁ। ଆମ୍ଭର ଲୁହା କାରବାରରେ ଗୁମାସ୍ତାଟି ଆମ୍ଭଲାଗି ଦୈନିକ ହିସାବଧରି ଅପେକ୍ଷା କରୁଥିଲା। ତାହାକୁ ସକ୍ରୋଧେ ବିଦାୟ କରିଦେଇ ମନେ ମନେ ଏହି ପୁଲକମୟ ଘଟଣାଟି ଦୋହରାଇ ତାହାର ଆନନ୍ଦ ରସ ବାରମ୍ବାର ଆସ୍ୱାଦନ କରିବାକୁ ଲାଗିଲୁ। ମାନବ ମାୟାଜାଲରେ ପଡ଼ି, ସାଂସାରିକ ଜଞ୍ଜାଳଜାଲରେ ଛନ୍ଦିରିମନ୍ଦିରି ହୋଇ କୁଣ୍ଡଳୀ ଶକ୍ତିକୁ ଜାଗ୍ରତ ହେବାର ସୁଯୋଗରୁ ବଞ୍ଚିତ କରିଅଛି। ଆମ୍ଭେ ଗୁହ୍ୟଚକ୍ର ବାରମ୍ବାର ଆକୁଞ୍ଚନ ଓ ପ୍ରସାରଣ ବଶତଃ ଯୋଗ ନିଦ୍ରାରେ ବସିଥିଲାବେଳେ ଆମ୍ଭର ପତ୍ନୀ କେତେକ ତୁଚ୍ଛ ସାଂସାରିକ ବିଷୟ ଆଲୋଚନା କରିବାକୁ ଚାହାନ୍ତେ, ସକ୍ରୋଧେ ତାହାଙ୍କୁ କୋଠରୀରୁ ନିଷ୍କାନ୍ତ ହେବାକୁ ଆଦେଶ ଦେଲୁଁ ଏବଂ ସ୍ୱୀୟ ଅନୁଭୂତି ଦ୍ୱାରା ଅବଗତ ହେଲୁଁ କାହିଁକି ଯୋଗୀଋଷିଗଣ ସଂସାରଧର୍ମ କରନ୍ତି ନାହିଁ।

ଶ୍ରୀ ଶ୍ରୀ ପାହାଡୀ ବୋଲେ ବାଈାଙ୍କର ସେହି ମହାନ୍ ଶିଷ୍ୟଙ୍କ ନିକଟରୁ ଯେତେବେଳେ ସମ୍ବାଦ ଆସିଲା ଯେ ବୁଧବାରର ନୀତି ଲାଗି ଆହୁରି ତିନିଶହ ମୁଦ୍ରା ଲାଗିବ, ଆମ୍ଭେ ବିନା ଦ୍ୱିଧାରେ ତତ୍କ୍ଷଣାତ୍ ସେହି ଅର୍ଥ ସମ୍ବାଦବାହକ ହସ୍ତରେ ଅର୍ପଣ କଲୁ, ଦୁଃଖ ତ ଦୂରର କଥା, ଏକ ଅପୂର୍ବ ବିମଳ ଆନନ୍ଦ ଘନପୁଲକ ଆମ୍ଭର ଶରୀରେ ସଞ୍ଚାରିତ ହେଲା ଏବଂ ଯୁଗପତ୍ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟକଲୁଁ ଯୋଗବଳରେ ହିଁ ଏବଂ ଶିଷ୍ୟ ମାର୍ଫତ୍ ଗୁରୁକୃପା ଫଳରେ କିପରି ଏତେ ଶୀଘ୍ର ଆମ୍ଭର ଏରୂପ ସଂବିତ୍ ଉଦୟ ହୋଇଅଛି ଯେ ଯେଉଁ ବ୍ୟକ୍ତି ସ୍ୱୀୟ ଲୁହା କାରବାରରେ ଗୋଟିଏ ନୂଆପାଇସା ଲୋକସାନ ହେଲେ ହୃଦୟରେ ଅତିଶୟ ପୀଡ଼ା ପ୍ରାପ୍ତ ହେଉଥିଲା, ସେ ଏହିପରି ହୋଇ ପାରିଅଛି ଏବଂ ଏଭଳି ଜାଗତିକ ମାୟାଜାଲରୁ ମୁକ୍ତ ହୋ ସାଧନାପଥରେ ଅଗ୍ରସର ହେଉଅଛି । ଆମ୍ଭେ ବୁଝିପାରିଲୁଁ, କୁଣ୍ଡଳିନୀଶକ୍ତି ଜାଗ୍ରତ ହେବା ଉପରେ ଏବଂ ତିନିଶତ ଛାର, ଏହି ମୁହୂର୍ତ୍ତରେ ସର୍ବସ୍ୱ ଦାନ କଲେ ମଧ୍ୟ କୌଣସି ଅନୁଭୂତି ହେବାର ନୁହେଁ । ଠିକ୍ ଆମ୍ଭର ମନକଥା ବୁଝିଲାପରି ତହିଁଆରଦିନ ସମ୍ବାଦବାହକଟି ଆସି ଆମ୍ଭର ବୈଠକଖାନା ଅଳଂକୃତ କଲେ ଏବଂ କହିଲେ ଯେ ଆହୁରି ଚାରିଶହ ମୁଦ୍ରା ଏହିକ୍ଷଣି ପ୍ରୟୋଜନ । ଆମ୍ଭେ ବୁଝିପାରିଲୁ ଯେ ଆମ୍ଭଙ୍କୁ ପରୀକ୍ଷା କରାଯାଉଅଛି । କୌଣସି ପ୍ରକାର ପ୍ରଶ୍ନ ପୁଛା ନ କରି ସାଦର ହରିସ୍ମରଣରତ ଗଦ୍‌ଗଦ୍ ଭାବରେ ହିଁ ଆମ୍ଭ ସେହି ଅର୍ଥ ତତ୍କ୍ଷଣାତ୍ ଦାନ କଲୁଁ; ମାତ୍ର ଗାୟମୋଟ୍ ହଜାରେ ଟଙ୍କା ଦେଇ ଗୁରୁଦର୍ଶନର ସୌଭାଗ୍ୟ ଠିକ୍ କେତେ ଜଣଙ୍କର ହୁଏ ? ଆମ୍ଭେ ପୁନଶ୍ଚ ଶୁଣିବାକୁ ପାଇଲୁ, ଯଦ୍ୟପି ଗୁରୁ କାହାରିଠାରୁ କୌଣସି ପ୍ରକାର ଦକ୍ଷିଣା ଗ୍ରହଣ କରନ୍ତି ନାହିଁ, ଏବଂ ଯଦ୍ୟପି ବ୍ରିଟାନିଆଁର ମହାରାଣୀ ଦ୍ୱିତୀୟ ଏଲିଜାବେଥ୍ ତାହାଙ୍କର ଭାରତ ଭ୍ରମଣ କାଳରେ ଶତ ଅନୁରୋଧ ଉପରୋଧ କରିଥିଲେ ସୁଦ୍ଧା ଗୁରୁଦେବ ତାହାଙ୍କଠାରୁ ଏକ ହୀରକମାଳ ଏବଂ କୋହିନୂର ହୀରକ ସଂଯୁକ୍ତ ରାଜମୁକୁଟଟି ଗ୍ରହଣ କରି ନଥିଲେ, ଆମ୍ଭଠାରୁ ପାଞ୍ଚହଜାର ମୁଦ୍ରା ପର୍ଯ୍ୟନ୍ତେ ଗ୍ରହଣ କରିବାକୁ ସଦୟ ସମ୍ମତି ପ୍ରଦାନ କରିଅଛନ୍ତି ।

ଏହି ସମ୍ବାଦ ଶ୍ରବଣ କରିବା ପରଠାରୁ ଆମ୍ଭର ହୃଦୟ ସତତ ପୁଲକିତ ରହିଅଛି ଏବଂ ଅବିଚ୍ଛିନ୍ନ ତୈଳଧାରସମ ଆନନ୍ଦଧାରା ମଦୀୟ ମାନସ ମରୁରେ ପ୍ରବାହିତ ହେଉଅଛି, ଆମ୍ଭେ ଏତେ ଗୁଡିଏ ଆନନ୍ଦ ସମ୍ଭାଳି ନ ପାରି ସ୍ୱୀୟ ଧର୍ମପତ୍ନୀଙ୍କୁ ଏହା ଜଣାଇଲୁଁ । ସଂସାରର ମାୟାଜଲରେ ବନ୍ଦିନୀ ହୋଇ ସେ ଅବଶ୍ୟ ଆମ୍ଭର ଏହି ଆନନ୍ଦର ରସ ଗ୍ରହଣ କରିପାରିନଥିଲେ । ତଥାପି ଆମ୍ଭର ଆନନ୍ଦ ବ୍ୟାହତ ହେଲା ନାହିଁ । ଯୁଗ ଯୁଗ ସଞ୍ଚିତ ଗୁରୁ ସଙ୍ଗଲାଭ ଆଶା ପୂର୍ଣ୍ଣ ହୋଇ ମୁକ୍ତିପଥ ପରିଷ୍କାର ହେବାକୁ ଯାଉଅଛୁ ସ୍ମରଣ କରି ଆମ୍ଭେ ଦିନ ଗଣିବାକୁ ଲାଗି ଅଛୁଁ । ଏ ମଧ୍ୟରେ ସେହି ମହାତ୍ମାଙ୍କ ସଙ୍ଗେ ପୁନଶ୍ଚ ଭେଟ ହୋଇଥିଲା ଆମ୍ଭପ୍ରତି ଅପାର ସ୍ନେହ ଫଳରେ ସେ ସ୍ୱୟଂ ପାଞ୍ଚହଜାର ମୁଦ୍ରା ଆମ୍ଭ ତରଫରୁ ଗୁରୁସକାଶେ ଅର୍ପଣ କରିବେ, ଏହି ପ୍ରତିଶ୍ରୁତି ଦେବାରୁ ଆମ୍ଭେ ଅତୀବ ଆନନ୍ଦିତ ଏବଂ ଆଶ୍ୱସ୍ତ ବୋଧ କଲୁଁ । ଏହି କେତେଦିନ ହେଲା, ଠିକ୍ କ'ଣ କ'ଣ କହି ଗୁରୁସକାଶେ ଉପସ୍ଥିତ ହେବୁଁ ଏବଂ କିପରି ତୁଚ୍ଛ, ଜାଗତିକ ପାଞ୍ଚହଜାର ମୁଦ୍ରାର ଲଜ୍ଜାକର ପ୍ରସ୍ତାବଟି ସାକ୍ଷାତ ଭଗବାନରୂପୀ ଗୁରୁ ସମୀପରେ ଉଚ୍ଚାରଣ କରିବୁଁ ସେନେଇ ଚିନ୍ତିତ ଥିଲୁଁ । ସେହି ମହାତ୍ମା ଆମ୍ଭର ସମସ୍ୟା ସାମାଧାନ କରିଦେଲେ । ସାତ୍ତ୍ୱିକ ଯୋଗମାର୍ଗରେ ଥରେ ଆବେଗଟି ଆସିଗଲେ ବାକିଟା ଗୁରୁକୃପା ସଳଖିଯାଏ ଏବଂ ବାଧାବନ୍ଧନ ରହେ ନାହିଁ ।

ଗୁରୁଙ୍କ ଏପରି ଲୀଳା ଯେ ଏହି ସହରରେ ଅନେକ ସୌଧବାସୀ ଧନବାନ୍ ବେପାରୀ, ବଡ଼ ବଡ଼ ରାଜନୈତିକ ନେତା ଆଦି ଥାଉଁ ଥାଉଁ ସେ ଶ୍ରୀ ଆଲୋକ କୁମାର ପଣ୍ଡାଙ୍କର କ୍ଷୁଦ୍ରକୁଟୀର ମଣ୍ଡନ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି। ଯାହା ବୁଝିଥିବେ, ସେଇଆ। ସ୍ୱୟଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଶ୍ରୀ ଶ୍ରୀ ବାଈାଙ୍କର ରହଣୀର ବନ୍ଦୋବସ୍ତ ବିଷୟରେ ଉଦ୍‌ବୋଧନ ପ୍ରକାଶ କରିଥିଲେ, ସେହି ମହାତ୍ମାଙ୍କ ମୁହଁରୁ ଶୁଣିଲୁ। ଯେଉଁସବୁ ବଡ଼ବଡ଼ ବ୍ୟକ୍ତି ଶ୍ରୀ ଶ୍ରୀ ବାଈାଙ୍କର ଶିଷ୍ୟ, ସେମାନଙ୍କର ନାମ ପ୍ରକାଶ ନ କରିବାକୁ ସେହି ମହାତ୍ମାଙ୍କର ବାରଣ ରହିଅଛି। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଭୂଥଖଣ୍ଡେ ନୁହେଁ ସମସ୍ତ ପୃଥିବୀର ବଡ଼ ବଡ଼ ମନିଷୀମାନେ ଶ୍ରୀ ଶ୍ରୀ ବାଈାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଶିଷ୍ୟ ଅଟନ୍ତି। ଶ୍ରୀପଣ୍ଡା ଯେ କେତେ ଭାଗ୍ୟବାନ୍ ବ୍ୟକ୍ତି, ଏଥିରୁ ଅନୁମେୟ। ମହାତ୍ମା ପୁନଶ୍ଚ କହିଥିଲେ ଯେ ସେ ନିଜେ ଆମ୍ଭର ଗୁରୁଦର୍ଶନ ସୁବିଧାର୍ଥେ ଗୁରୁଙ୍କ ମନରେ ଶ୍ରୀ ପଣ୍ଡାଙ୍କର ଧାରଣା ଜନ୍ମାଇ ଅଛନ୍ତି, ଯେହେତୁ ଅନ୍ୟାନ୍ୟ ବଡ଼ ବଡ଼ ନେତାଙ୍କ ଗୃହରେ ଆମ୍ଭର ଅସୁବିଧା ହୋଇଥା'ନ୍ତା- ବିଶେଷେ ଯେହେତୁ ଶ୍ରୀ ପଣ୍ଡା ଆମ୍ଭର ବାଲ୍ୟବନ୍ଧୁ ଏକତ୍ର ବିଦ୍ୟାଳୟ ପାଠ କରୁଥିଲୁଁ, ଆମ୍ଭେ ଅନାୟାସରେ ସେଠାରେ ଗୁରୁଦର୍ଶନ କରିପାରିବୁ।

ଆମ୍ଭେମାନେ ଗୋପନରେ ଆଲୋକବାବୁଙ୍କୁ ଦୁଇହଜାର ମୁଦ୍ରା ଦାନ କରିଅଛୁଁ। ସେ ପ୍ରଥମେ ଅସମ୍ମତି ହେଉଥିଲେ ମଧ୍ୟ ଆମ୍ଭର ବନ୍ଧୁତାରେ ବିମୋହିତ ହୋଇ ଦୟାକରି ଗ୍ରହଣ କଲେ। କିରାଣି, ନିର୍ଦ୍ଧନ, ମନୁଷ୍ୟ, ଗୁରୁ ଓ ଶିଷ୍ୟମାନଙ୍କର ଭୋଜନାଦି ଉପଚାର ସେ କାହୁଁ ଯୋଗାଇବେ? ସେ ପ୍ରତିଶ୍ରୁତି ଦେଇ ଅଛନ୍ତି ଯେ ଯେତେବେଳେ ପ୍ରୟୋଜନ ହେବ, ବିନା ଦ୍ୱିଧାରେ ହିଁ ଆମ୍ଭଠାରୁ ଆର୍ଥିକ ସାହାଯ୍ୟ ଗ୍ରହଣ କରିବେ। ଆମର ଶୁଭଦିନ ଆଗତପ୍ରାୟ। ଅତି ଶୀଘ୍ର ଆମ୍ଭର ସମସ୍ତ ଜାଗତିକ ଦୁଃଖଶୋକ ଜରା ରୋଗବନ୍ଧନରୁ ମୁକ୍ତ ହୋଇ ଆମ୍ଭେ ଦିବ୍ୟ ଜୀବନର ସନ୍ଧାନରେ ମାନସପକ୍ଷୀକୁ ମୁକ୍ତ ଆକାଶରେ ଉଡ଼ାଇଦେବୁଁ। ବାଜେ ବ୍ୟକ୍ତିମାନଙ୍କ ଉପରେ ନିର୍ଭର ନ କରି ସେ ଦିନର ସମସ୍ତ ଖାଦ୍ୟପେୟର ଆୟୋଜନ ସ୍ୱୟଂ କରିଅଛୁଁ। ବହୁ ବିଶିଷ୍ଟବ୍ୟକ୍ତି ପଂକ୍ତିଭୋଜନରେ ନିମନ୍ତ୍ରିତ ଅଛନ୍ତି। ଶ୍ରୀମାନ୍ ମହାଶୟଙ୍କୁ ମଧ୍ୟ ସାଦରେ ନିମନ୍ତ୍ରଣ କରିଅଛୁ।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।

(କ) 'ସାଧୁସଙ୍ଗ' ରମ୍ୟରଚନାର ସାରମର୍ମ ଲେଖ ।

(ଖ) ଓଡ଼ିଆ ରମ୍ୟରଚନା ଧାରାକୁ 'ସାଧୁସଙ୍ଗ' କିଭଳି ସମୃଦ୍ଧ କରିଛି ଆଲୋଚନା କର ।

(ଗ) 'ହାସ୍ୟ ବ୍ୟଙ୍ଗ ହେଉଛି ଗଦ୍ୟଶିଳ୍ପୀ ଚୌଧୁରୀ ହେମକାନ୍ତ ମିଶ୍ରଙ୍କ ସାହିତ୍ୟର ପ୍ରାଣ' - ପଠିତ ପ୍ରବନ୍ଧରୁ ଏ ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।

### (୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।

(କ) ଶ୍ରୀଶ୍ରୀଶ୍ରୀ ୧୦୮ ଶ୍ରୀ ପାହାଡ଼ୀବୋଲେ ବାଈା କିଏ ?

(ଖ) ଶ୍ରୀଶ୍ରୀ ୧୦୮ ଶ୍ରୀ ପାହାଡ଼ୀବୋଲେ ବାଈାଙ୍କର ମନ୍ତ୍ରର ଚମତ୍କାରିତା କିପରି ବୋଲି ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି ।

(ଗ) 'ସାଧୁସଙ୍ଗ' ରମ୍ୟରଚନାଟି କେଉଁ ପୁସ୍ତକରୁ ସଂଗୃହୀତ ହୋଇଛି ?

(ଘ) ଶ୍ରୀ ଆଲୋକ କୁମାର ପଣ୍ଡା କିଏ ?

(ଙ) ଶ୍ରୀଶ୍ରୀ ବାଈା କେଉଁଠାରେ କେତେକାଳ ତପଶ୍ଚର୍ଯ୍ୟା କରୁଥିଲେ ?

(ଚ) ପ୍ରାବନ୍ଧିକ ବିଲାତୀ ସାହେବମାନଙ୍କ ବିଷୟରେ କ'ଣ କହିଛନ୍ତି ?

## ୪.୮ ସହାୟକ ଗ୍ରନ୍ଥସୂଚୀ


- ଆଚାର୍ଯ୍ୟ ବୃନ୍ଦାବନ - ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ଗ୍ରନ୍ଥମନ୍ଦିର, ସଂସ୍କରଣ - ୨୦୧୨ ।
- ଦାସ ଡଃ ଦୁର୍ଯ୍ୟୋଧନ, ଡଃ ସାବିତ୍ରୀ ଦାସ - ରସ ପ୍ରସଙ୍ଗ ଓ ଓଡ଼ିଆ ସାହିତ୍ୟ, ହାସ୍ୟ ରସ, ପ୍ରଥମ ଭାଗ, ସ୍ୟମନ୍ତକ ପ୍ରକାଶନୀ, କଲେଜ ଛକ, ଭଦ୍ରକ, ପ୍ରଥମ ପ୍ରକାଶ - ୧୯୯୨ ।
- ସିଂହ ଡଃ ବିଜୟାନନ୍ଦ - ଫତୁରାନନ୍ଦଙ୍କ ସୃଷ୍ଟିରେ ହାସ୍ୟ, ଫ୍ରେଣ୍ଡର୍ସ ପବ୍ଲିଶର୍ସ, କଟକ, ପ୍ରଥମ ସଂସ୍କରଣ - ୧୯୯୦ ।
- ମହାପାତ୍ର ନୀଳମଣି ସାହୁ - ଆମ କଥା ସାହିତ୍ୟର କଥା ଓ ରମ୍ୟରଚନା, ଓଡ଼ିଶା ବୁକ୍ସ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ - ୧୯୮୫ ।


□□□



ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University, Sambalpur

www.osou.ac.in
e-mail: info@osou.ac.in